୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.214 Bhubaneswar Wednesday October 02 2024 | ୨୬ତମ ବର୍ଷ ସଂଖ୍ୟା–୨୧୪ ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୦୨, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS


## ବିଜେଡିରେ ପୁଣି ବିସ୍ଫୋରଣ: ଶଙ୍ଖଭବନରେ ଶ୍ରୀମୟୀଙ୍କୁ ଦୁର୍ବ୍ୟବହାର, ବରିଷ୍ଠଙ୍କ ଆକଟ ପରେ ପଳାୟନ କଲେ ମନ୍ମଥ



ଭୁବନେଶ୍ୱର,୧।୧୦(ପି.ଏନ): ବିଜେଡିରେ ଦିନକୁ ଦିନ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି । ଶଙ୍ଖଭବନରେ ଗତକାଲି ଭଦ୍ରକ ଜିଲ୍ଲା ସମୀକ୍ଷାବେଳେ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିବାବେଳେ ଆଜି ଖୋର୍ଦ୍ଧା ଜିଲ୍ଲା ବିଜେଡିର ସମୀକ୍ଷା ବୈଠକରେ ଉତ୍ତ ?ଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି । ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କୁ ସମସ୍ତଙ୍କ ସମ୍ମୁଖରେ ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ଦୁର୍ବ୍ୟବହାର କରିଥିବା ଜଣାପଡିଛି । ପରିସ୍ଥିତି ଏପରି ହୋଇଥିଲା ଯେ, ବରିଷ୍ଠ ନେତାମାନଙ୍କ କଡା ଆଭିମୁଖ୍ୟ ଓ ଆକଟ ପରେ ମନ୍ମଥ ବୈଠକସ୍ଥଳୀ ଛାଡି ଯିବାକୁ ବାଧ ହୋଇଥିଲେ । ଆଉ ବରିଷ୍ଠ ନେତାମାନଙ୍କ ହସ୍ତକ୍ଷେପରେ ପ୍ରଦୀପ ଓ ଶ୍ରୀମୟୀଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଥିଲା ତଥା ନିଜର ଶସ୍ତା ଓ ଅରୁଚିକର ଟିପ୍ପଣୀ ପାଇଁ ପ୍ରଦୀପ ଦୁଃଖପ୍ରକାଶ କରିଥିବା ଜଣାପଡିଛି ।ମିଳିଥିବା ସୂଚନା ଅନୁସାରେ, ଆଜି ସନ୍ଧ୍ୟାରେ ଖୋର୍ଦ୍ଧା ସାଂଗଠନିକ ଜିଲ୍ଲାର ସମୀକ୍ଷା ବୈଠକ ଶଙ୍ଖଭବନରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଦଳର ସମସ୍ତ ବିଧାୟକ ପ୍ରାର୍ଥୀ ଓ ଲୋକସଭା ପ୍ରାର୍ଥୀଙ୍କ ସମେତ ଆଗଧାଡିର କର୍ମୀ ଓ ନେତାମାନେ ଯୋଗ ଦେଇଥିଲେ । ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ପର୍ଯ୍ୟବେକ୍ଷିକା ଶ୍ରୀମୟୀ ମିଶ୍ର ମଧ୍ୟ ଏହି ବୈଠକରେ ସାମିଲ ହୋଇଥିଲେ । ବୈଠକରେ ଦଳର ସାଂଗଠନିକ ସ୍ଥିତିକୁ ନେଇ ଆଲୋଚନା ଚାଲିଥିବାବେଳେ ନିଜର ସମର୍ଥକମାନଙ୍କ ସହ ଆସିଥିବା ମନ୍ମଥ ସିଧାସଳଖ ଶ୍ରୀମୟୀଙ୍କୁ ଅରୁଚିକର ଭାଷାରେ ଦୁର୍ବ୍ୟବହାର କରିଥିଲେ । ଏପରିକି ତାଙ୍କ ସହ ଥିବା କିଛି ଯୁବକ(ଦଳୀୟ କର୍ମକର୍ତ୍ତା ନୁହଁନ୍ତି) ମଧ୍ୟ ଅଶାଳୀନ ଭାଷାରେ ଗାଳିଗୁଲଜ କରିବାକୁ ପଛାଇ ନଥିଲେ । ଶ୍ରୀମୟୀଙ୍କ ପାଇଁ ଭୁବନେଶ୍ୱରରେ ବିଜେଡି ଲୋକସଭା ସିଟ୍ ହାରିଲା ବୋଲି ସେ ଆକ୍ଷେପ କରିଥିଲେ । ଯାହା ଉପରେ ଶ୍ରୀମୟୀ ଆପତ୍ତି ଉଠାଇବାରୁ ମନ୍ମଥ ତାଙ୍କ ପ୍ରତି ଶସ୍ତା ଟିପ୍ପଣୀ ଦେଇଥିଲେ ବୋଲି ସୂଚନା ମିଳିଛି ।ସେଠାରେ ଥିବା ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ ଓ ଖୋର୍ଦ୍ଧା ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ ଉଭୟଙ୍କୁ ନିରବ ରହିବାକୁ କହିଥିଲେ ମଧ୍ୟ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ସେଠାରେ 'ନିଆଁରେ ଘିଅ ?ାଳିବା' ଭଳି ଶ୍ରୀମୟୀଙ୍କ ପ୍ରତି ଅତ୍ୟନ୍ତ ଅଶାଳୀନ ଓ ଅରୁଚିକର ଟିପ୍ପଣୀ ଦେଇଥିଲେ ବୋଲି ଜଣାପଡିଛି । ଯାହାକୁ ନେଇ ସେଠାରେ ତୁମୂଳକାଣ୍ଡ ହୋଇଥିଲା । ସେଠାରେ ଥିବା ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ବିଜୟ ନାୟକ, ଅମର ପଟ୍ଟନାୟକ ପ୍ରମୁଖ ସମସ୍ତଙ୍କୁ ବସାଇ ସମାଧାନ ପାଇଁ ପ୍ରୟାସ କରିବାବେଳେ ମନ୍ମଥ ଖୋଲାଖୋଲି ଭାବେ ଦଳୀୟ ସଂଗଠନକୁ ସମାଲୋଚନା କରିଥିଲେ । ଆଉ ଶ୍ରୀମୟୀଙ୍କ ଦଳରେ ଅବଦାନ କ'ଣ ବୋଲି ପ୍ରଶ୍ନ କରିବାରୁ ବରିଷ୍ଠ ନେତାମାନେ ଆପତ୍ତି ଉଠାଇଥିଲେ । ଏପରିକି ଶ୍ରୀମୟୀ ଛାତ୍ରାବସ୍ଥାରୁ ଦଳରେ ସକ୍ରିୟ ଅଛନ୍ତି ଓ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଛନ୍ତି ବୋଲି ଅତନୁଙ୍କ ସମେତ କିଛି ବରିଷ୍ଠ ନେତା କହିବା ସହ ମନ୍ମଥଙ୍କୁ ଆକଟ କରିଥିବା ଜଣାପଡିଛି । ଏହାପରେ ମନ୍ମଥ ବୈଠକସ୍ଥଳୀ ଛାଡି ପଳାଇଥିଲେ । ଆଉ ପ୍ରଦୀପ ନିଜେ ଦେଇଥିବା ଟିପ୍ପଣୀ ପାଇଁ ଦୁଃଖପ୍ରକାଶ କରିବା ପରେ ମାମଲା ଶାନ୍ତ ପଡିଥିଲା । ମାତ୍ର ମନ୍ମଥଙ୍କ ଏଭଳି ଆଚରଣକୁ ନେଇ ଦଳ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ଜଣାପଡିଛି । ଗତ କିଛିଦିନ ତଳେ ଭରତପୁର ଥାନାରେ ପୁଲିସ ନିର୍ଯାତନା ଘଟଣାରେ ସେନା ଅଫିସରଙ୍କ ବାନ୍ଧବୀଙ୍କୁ ନ୍ୟାୟ ଦେବା ପାଇଁ ଗଣମାଧ୍ୟମ ଆଗରେ ଯୁକ୍ତି ବା ?ଥିବା ମନ୍ମଥ କିଭଳି ନିଜ ଦଳର ଜଣେ ନେତ୍ରୀଙ୍କ ପ୍ରତି ଏଭଳି ଅରୁଚିକର ଟିପ୍ପଣୀ ଓ ଆଚରଣ କଲେ ତାହା ଏବେ ବିଜେଡି ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ଖୁବଶୀଘ୍ର ଓଡିଶାରେ କାର୍ଯ୍ୟକ୍ଷମ ହେବ ଆୟୁଷ୍ମାନ ଭାରତ–ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା



ଭୁବନେଶ୍ୱର,୧।୧୦(ପି.ଏନ): ରାଜ୍ୟର ବିଜେପି ସରକାର ଖୁବଶୀଘ୍ର ଉଭୟ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ସହ ନିଜସ୍ୱ ଯୋଜନା ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାକୁ ଓଡିଶାରେ କାର୍ଯ୍ୟକ୍ଷମ କରିବ ।ଏଥିରେ ରାଜ୍ୟର ୧କୋଟି ପରିବାରର ସାଢ଼େ ୩କୋଟି ଲୋକଙ୍କୁ ବ୍ୟକ୍ତିଗତ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯିବ । ଏହି କାର୍ଡ ଜରିଆରେ ଦେଶର ୨୭ହଜାରରୁ ଅଧିକ ହସ୍ପିଟାଲରେ କ୍ୟାସଲେସ୍ ସ୍ୱାସ୍ଥ୍ୟ ସେବା ସୁବିଧା ରାଜ୍ୟବାସୀଙ୍କୁ ମିଳିବ । ୭୦ବର୍ଷ ବୟସରୁ ଉର୍ଦ୍ଧ୍ୱ ସମସ୍ତ ବୟସ୍କ ବ୍ୟକ୍ତିଙ୍କୁ ମଧ୍ୟ ଏହି ସ୍ୱାସ୍ଥ୍ୟବୀମା ସୁବିଧା ମିଳିବ । ଆଜି ଏହି ସୂଚନା ଦେଇଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ।ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ, ଖୁବଶୀଘ୍ର ନ୍ୟାସନାଲ ଡିଜିଟାଲ ହେଲଥ୍ ମିଶନରେ ଓଡିଶା ସାମିଲ ହେବ । ଏହା ଜରିଆରେ ରାଜ୍ୟର ସବୁ ସ୍ୱାସ୍ଥ୍ୟ ଅନୁଷ୍ଠାନ, ରୋଗୀଙ୍କ ତଥ୍ୟର ଡିଜିଟାଲ ମ୍ୟାପିଙ୍ଗ୍ ମଧ୍ୟ ହୋଇପାରିବ । ପ୍ରତି ରୋଗୀଙ୍କୁ ଏକକ ପରିଚୟ ପତ୍ର ଦିଆଯିବ । ଏଥିରେ ସେମାନଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସବୁ ତଥ୍ୟ ରହିବ । ଏପରିକି ଏହି କାର୍ଡ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହ ମଧ୍ୟ ସଂଶ୍ଳିଷ୍ଟ ରହିବ । ଫଳରେ ରୋଗୀମାନେ ଡାକ୍ତରଙ୍କ ପାଖକୁ ଯିବାବେଳେ ସେମାନଙ୍କର ସମସ୍ତ ସ୍ୱାସ୍ଥ୍ୟଗତ ତଥ୍ୟ ଡାକ୍ତର ଜାଣିପାରିବେ । ଏଥିପାଇଁ ରାଜ୍ୟ ବଜେଟରେ ବ୍ୟୟବରାଦ ହୋଇଛି । ଏବେ ଏନେଇ କାର୍ଯ୍ୟ ଚାଲିଛି । ଖୁବଶୀଘ୍ର ଏହା ପ୍ରଚଳନ କରାଯିବ । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାକୁ ରାଜ୍ୟରେ କାର୍ଯ୍ୟକ୍ଷମ କରିବା ପାଇଁ ଏବେ ବ୍ୟାକଏଣ୍ଡରେ ଡାଟା କାମ ଚାଲିଛି ।

## ଶ୍ରୀମନ୍ଦିରରେ ରୋଷେଇରେ ଲୁହା କଡେଇ ବ୍ୟବହାର ଘଟଣା: ୩ ସୁପକାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ



ଭୁବନେଶ୍ୱର,୧।୧୦(ପି.ଏନ): ଶ୍ରୀମନ୍ଦିର ରୋଷ ଘରେ ଲୁହା କଡ଼େଇ ବ୍ୟବହାର ପ୍ରସଙ୍ଗରେ ତିନି ଜଣ ସୁପକାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସମସ୍ତ ତିନି ଜଣ ସୁପକାରଙ୍କ ଶ୍ରୀମନ୍ଦିର ପରିସର କିମ୍ବା ଶ୍ରୀମନ୍ଦିର ରୋଷ ଘରେ ପ୍ରବେଶ ନିଷିଦ୍ଧ କରାଯାଇଛି । ତିନି ସୁପକାରଙ୍କ ମଧ୍ୟରୁ ଜଣେ ପାଳିଆ ସେବକଙ୍କୁ ମହାପ୍ରଭୁଙ୍କ ସେବାପୂଜାରୁ ମଧ୍ୟ ନିଲମ୍ବିତ କରାଯାଇଛି । ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ର ୨୧ – ଖ (କ) ଧାରା ଅନୁସାରେ ଏହି ନିଲମ୍ବନ ଆଦେଶ ଜାରି କରିଛି ଶ୍ରୀମନ୍ଦିର ପ୍ରଶାସନ । ମହାପ୍ରଭୁଙ୍କ ସେବାପୂଜାରେ କୌଣସି ପରମ୍ପରା ବହିର୍ଭୂତ କାର୍ଯ୍ୟ ତଥା ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି ।











## ଟି ଟାଇମ୍

## ୨୩ ବର୍ଷ ଧରି ବନ୍ଦ ଡାକ ବାକ୍ସ



ବ୍ରିଟେନ୍‌ର ସବୁଠାରୁ ବ୍ୟସ୍ତମୟ ଅଞ୍ଚଳରେ ଥିବା ଲୋକିନ୍ ଡାକ ବାକ୍ସଟି ଗତ ୨୩ ବର୍ଷ ହେଲା ବନ୍ଦ ରହିଛି । ବ୍ରିଟେନ୍‌ର ବର୍ମିଂଘମର ସବୁଠାରୁ ବ୍ୟସ୍ତତମ ରେଳ ଷ୍ଟେସନ୍‌ରେ ନବନିର୍ମାଣ କାମରେ ଲାଗିଥିବା ଶ୍ରମିକ ସେହି ସମୟରେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ, ଯେତେବେଳେ ଏହି ଡାକ ବାକ୍ସଟିକୁ ସେଠାରୁ ହଟା ଯାଇଥିଲା ଏବଂ ସେଥିରୁ ପ୍ରାୟ ଦେଢ଼ ଦଶକର ଚିଠି ମିଳିଥିଲା । ବ୍ରିଟିଶ୍ ଦୈନିକ ଟେଲିଗ୍ରାଫର ରିପୋର୍ଟ ମୁତାବକ ଏହି ଡାକ ବାକ୍ସକୁ ହଟାଇ ଥିବା ଶ୍ରମିକଙ୍କ କହିବା ମୁତାବକ ଏହି ବାକ୍ସଟିକୁ ଗତ ୨୩ ବର୍ଷ ହେଲା ଖାଲି କରାଯାଇନାହିଁ । ଏହି ଡାକ ବାକ୍ସଟି ବର୍ମିଂଘମ୍ ରେଳ ଷ୍ଟେସନର ଏଭଳି ସ୍ଥାନରେ ରହିଛି, ଯେଉଁଠାରୁ ପ୍ରତିଦିନ ହଜାର ହଜାର ଲୋକେ ଯାତାୟାତ କରନ୍ତି । ଏହି ଡାକ ବାକ୍ସଟିକୁ ଚଳିତ ବର୍ଷର ପ୍ରାରମ୍ଭରେ ସିଲ୍ କରିଦିଆଯାଇଥିଲା । ବ୍ରିଟେନ୍‌ର ରୟାଲ୍ ମେଲ ସେବା ଏହି ଡାକ ବାକ୍ସରେ ୧୯୮୯ରେ ପଡିଥିବା ଚିଠିକୁ ତା’ର ଗନ୍ତବ୍ୟ ସ୍ଥାନରେ ପହଞ୍ଚାଇବା ପାଇଁ ଚେଷ୍ଟା କରୁଥିଲା । ଏହି ଡାକ ବାକ୍ସ ଭିତରୁ ଅନେକ ପୋଷ୍ଟକାର୍ଡ ଏବଂ ଆମେରିକା, ଅଷ୍ଟ୍ରେଲିଆ ଭଳି ଦୂର ଦୂରାନ୍ତ ସ୍ଥାନକୁ ପଠାଯାଇଥିବା ଚିଠି ପତ୍ରଗୁଡିକ ମଧ୍ୟ ମିଳିଥିବା ଜଣାପଡିଛି ।

## ପୁରାଣ କାହାଣୀ

# ଅଗିରା ପୂର୍ଣ୍ଣିମା



ଶୀତ ଋତର ଶେଷ ମାଘ ମାସର ପୂର୍ଣ୍ଣମୀକୁ ଅଗିରା ପୂର୍ଣ୍ଣମୀ କହିଥାନ୍ତି । ସାଧାରଣତଃ ଅଗ୍ନି ଦେବତାଙ୍କ ପୂଜା ଶ୍ରୀପଞ୍ଚମୀ ଦିନ ଠାରୁ ଆରମ୍ଭ ହୋଇଥାଏ । କାରଣ ସରସ୍ୱତୀଙ୍କୁ ବେଦରେ ଅଗ୍ନି ବୋଲି କୁହାଯାଇଛି । ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଅଗିଜଳା ଏକ ପରିଚିତ ଦୃଶ୍ୟ । ପ୍ରକୃତରେ ଅଗ୍ନୀ ଦେବତାଙ୍କ ପୂଜା ବୈଦିକ ଯୁଗରୁ ରହିଆସିଛି । ବୈଦିକ ଭାଷାରେ - ‘ଅଗ୍ନୀ ମିଳେ ପୁରୋହିତଂ’ ତେଣୁ ବେଦରେ ଅଗ୍ନୀ ହେଉଛନ୍ତି ପ୍ରଥମ ଦେବତା । ଓଡ଼ିଆ ଜନଜୀବନରେ ଚିର ପରିଚିତ ଅଗିରା ପୂନେଇଁ ଏକ ପରିଚିତ ଦିନଟି । କେବଳ ଗାଁରେ ନୁହେଁ ସହରରେ ମଧ ଛକ ସ୍ଥାନ ମାନଙ୍କରେ ଧାନ ନଡ଼ା ଏକତ୍ର କରାଯାଇ ଏହାକୁ ପୂଜାର୍ଚ୍ଚନା କରି ଅଗ୍ନୀ ସଂଯୋଗ କରାଯାଇଥାଏ । ଏଥିରେ ବାଇଗଣ ଓ ଅନ୍ୟାନ୍ୟ ପରିବା ପୋଡ଼ି ଖାଇଲେ କିଛି ଚର୍ମରୋଗ ହୋଇନଥାଏ ବୋଲି ଲୋକବିଶ୍ୱାସ ରହିଛି । ଏହିଦିନରୁ ବାଘପରି ମାଘ ମାସର ଶୀତ ବିଦାୟ ନେଇ ବସନ୍ତ ଋତୁର ମୃଦୁ ସମୀରଣ ଭିତରେ ଗ୍ରୀଷ୍ମଋତୁକୁ ସ୍ୱାଗତ କରାଯାଇଥାଏ ।

## ଇ-ରିଡ଼ିଂ କରିପାରିବେ ଦୃଷ୍ଟିହୀନ



ଦୃଷ୍ଟିହୀନ ଯୁବପିଢ଼ିଙ୍କ ପାଇଁ ଖୁସି ଖବର । ଏବେ ସେମାନେ ବି ଇ-ରିଡ଼ିଂ କରିପାରିବେ । ସାଧାରଣ ଯୁବପିଢ଼ିଙ୍କ ପରି ଇଣ୍ଟରନେଟ୍‌ରେ ନିଜ ପସନ୍ଦର ବହି, ମାଗାଜିନ୍ ପଢ଼ିବା ସହ ମେସେଜ୍ ଦିଆନିଆ କରିପାରବେ । ତାହା ପୁଣି ଖୁବ୍ କମ୍ ଖର୍ଚ୍ଚରେ । ନିକଟରେ ଏଭଳି ଏକ ନୂଆ ଟେକ୍ନୋଲୋଜି ଉଦ୍ଭାବନ କରି ଚର୍ଚ୍ଚାରେ ପରିସରକୁ ଆସିଛି ଦକ୍ଷିଣ କୋରିଆର ଏକ ନୂଆ କମ୍ପାନୀ । ଦୃଷ୍ଟିହୀନମାନଙ୍କୁ ଇ-ରିଡ଼ିଂ ସୁବିଧା ଯୋଗାଇ ଦେବା ଲାଗି ଉକ୍ତ କମ୍ପାନୀ ତିଆରି କରିଛି ଏକ ବ୍ରେଲ୍ ସ୍ମାର୍ଟ ଘଣ୍ଟା । କେବେଳ ଏତିକି ନୁହେଁ, ଡ଼ଟ୍ ନାମକ ଏହି ସ୍ମାର୍ଟ ୱାଚ୍ ସାହାର୍ଯ୍ୟରେ ବ୍ରେଲ୍ ଭାଷା ମଧ ହୋଇପାରିବ ବୋଲି କମ୍ପାନୀ ଶିଖାଯାଇପାରେ । ଦୃଷ୍ଟହୀନଙ୍କ ପାଇଁ ହେପ୍ଟିକ୍ ଟେକ୍‌ନିକ୍‌ରେ ତିଆରି ଏହି ସ୍ମାର୍ଟ ୱାଚ୍ ସ୍ୱଳ୍ପ ମୂଲ୍ୟରେ ମିଳୁଥିବାରୁ ଏହା ଅଧିକ ଆଦୃତ କର୍ତ୍ତୃପକ୍ଷ ଆଶା ରଖିଛନ୍ତି । ସେମାନଙ୍କ ମତରେ ଦୃଷ୍ଟହୀନଙ୍କୁ ଏହି ସୁବିଧା ଯୋଗାଇ ଦେବା ଲାଗି ପୂର୍ବରୁ ଏଭଳି ଉପକରଣ ତିଆରି ହୋଇଥିଲେ ମଧ ତାହାର ଆକାଛୁଆଁ ମୂଲ୍ୟ ଯୋଗୁ ବ୍ୟବହାର କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇପାରୁ ନଥିଲା । କିନ୍ତୁ ଏହି ସ୍ମାର୍ଟ ୱାଚ ସମସ୍ତ ଦୃଷ୍ଟହୀନଙ୍କୁ ସୁହାଇବା ବୋଲି ସେମାନେ ସୂଚିତ କରିଛନ୍ତି । ଏହି ସ୍ମାଟ୍ ୱାଚ୍‌କୁ ଯେ କୌଣସି ବ୍ଲ୍ୟୁ ଟୁଥ୍ ସହିତ ସଂଯୋଗ କରାଯାଇ ଜରୁରୀ ସୂଚନା ପଢ଼ାଯାଇପାରେ । ଏହି ସ୍ମାର୍ଟ ୱାଚ୍‌ରେ ପ୍ରଥମେ ମେସେଜ୍ ମୋବାଇଲ୍ ଫୋନ୍‌କୁ ଆସେ । ପରେ ଏହା ସିହିତ ଜଡ଼ଇତ ଆପ୍ଲିକେଶନ୍ ଉକ୍ତ ମେସେଜକୁ ବ୍ରେଲ୍ ଭାଷାରେ ଅନୁବାଦ କରିଥାଏ । ମେସେଜ ପ୍ରାପ୍ତ ହେବା ପରେ ଡଟ୍‌ର ଭାଇବ୍ରେଟର ୟୁଜରକୁ ସତର୍କ କରିଦେଇଥାଏ ।

## ୧୩ ବର୍ଷର ବାଳକ ପର୍ଣ୍ଣ ଭିଡିଓ ଦେଖି ୭ଜଣ ପିଲାଙ୍କୁ କଲା ଯୌନ ଶୋଷଣ



ଜଣେ ୧୩ ବର୍ଷୀୟ ନାବାଳକ ପର୍ଣ୍ଣ ସାଇଟ୍ ଦେଖି କରିଛି ଅଦ୍ଭୁତ କାଣ୍ଡ । ଅଶ୍ଳୀଳ ଭିଡିଓ ଦେଖି ୭ଜଣ ପିଲାଙ୍କୁ କରିଛି ଯୌନ ଶୋଷଣ । ଏମିତି ଏକ ଖବର ଏବେ ଖୁବ୍ ଭାଇରାଲ ସାଜିଛି । ଇଣ୍ଟରନେଟ୍‌ରେ ଅଶ୍ଳୀଳ ଭିଡିଓ ଦେଖିବା ସଉକ ହୋଇଯାଇଥିଲା ଏହି ପିଲାଟିର । ପର୍ଣ୍ଣ ଭିଡିଓ ଦେଖିବା ପରେ ମନରେ ତାର ବିକାର ଜାତ ହୋଇଥିଲା ଏବଂ ୭ଜଣ ଛୋଟ ପିଲାଙ୍କ ସହ କରିଥିଲା ଦୁଷ୍କର୍ମ । ଏହି ନାବାଳିକ ପିଲାକୁ ଗିରଫ କରିଛି ପୋଲିସ । ଅଧିକ ଅଶ୍ଳୀଳ ଭିଡିଓ ଦେଖିବା ଯୋଗୁଁ ଏମିତି କାଣ୍ଡ ପିଲାଟି କରିଛି ବୋଲି ପୋଲିସ କହିଛି । ଏଡି ମାମଲାରେ ପିଲାଟିର ମା’ କହିଛନ୍ତି ସେ ପିଲାଟିକୁ ଅଧିକ ସମୟ ଦେଇପାରନ୍ତି ନାହିଁ । ଯାହା ଦ୍ୱାରା ସେ ଏମିତି ଖରାପ କାମ କରିଛି ।

ଇଣ୍ଟରନେଟରେ ପର୍ଣ୍ଣ ଭିଡିଓ ଦେଖିବା ଦ୍ୱାରା କେମିତି ପିଲାଙ୍କ ଉପରେ ଖରାପ ପ୍ରଭାବ ପଡେ, ତାର ଏକ ଉଦାହରଣ ଦେଖିବାକୁ ମିଳିଛି ।




ବିଗବସ୍ ସିଜିନ୍ ୬ର ପ୍ରତିଯୋଗୀ ସାନ୍ ଖାନ୍ ତାଙ୍କର ବୟାନବାଜିକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି । କିଛି ଦିନ ପୂର୍ବରୁ ତାଙ୍କ ସିନେମା ‘ୱାଜା ତୁମ ହୋ’ ହୋଇଛି ରିଲିଜ୍ । ଏହି ସିନେମାରେ ସାନା ଟେଲିଭିଜନର ଲୋକପ୍ରିୟ ଅଭିନେତା ଗୁରମିତ ଚୌଧୁରୀଙ୍କ ବିପକ୍ଷରେ ନାୟିକା ଭୂମିକାରେ ଅଭିନୟ କରିଛନ୍ତି । ଏହି ସିନେମା କେବେ ଆସିଲା କେବେ ଗଲା କିଛି ଜଣାପଡିଲାନି । ସିନେମା ଫ୍ଲପ ହୋଇଗଲେ ମଧ ସାନା ତାଙ୍କ ବୋଲ୍ଡ ବୟାନ ପାଇଁ ପୁଣିଥରେ ଚର୍ଚ୍ଚାର ପରିଧୀକୁ ଆସିଛନ୍ତି । ନିଜର ଶରୀରକୁ ନେଇ ସେ କହିଛନ୍ତି ମୋ ପରି ଶରୀର ସମସ୍ତଙ୍କୁ ମିଳେନି । ସେ ତାଙ୍କର ଶରୀରକୁ ନେଇ ବହୁତ ଗର୍ବିତ । ଏହା ସହ ସେ କହିଛନ୍ତି ଅନେକ ନାୟିକା ତାଙ୍କ ପରି ଶରୀର ପାଇବା ପାଇଁ ଅନେକ ପରିଶ୍ରମ କରିଥାଆନ୍ତି । କିନ୍ତୁ ସମସ୍ତଙ୍କ ଭାଗ୍ୟରେ ଏପରି ଶରୀର ନଥାଏ । କେବଳ ଏତିକି ନୁହେଁ ସେ ନିଜେ ତାଙ୍କ ଶରୀରର ଜଣେ ବଡ ଫ୍ୟାନ ବୋଲି ପ୍ରକାଶ କରିଛନ୍ତି ସାନା ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ସମୁଦ୍ର ଭିତରେ ୭ ବର୍ଷ

୧୯୯୭ରେ ସ୍ୱାମୀଙ୍କର ମୃତ୍ୟୁ ହୋଇଯିବା ପରେ ଫ୍ଲୋରିଡା ନିବାସୀ ୮୬ ବର୍ଷିୟା ଲି ବାଷ୍ଟେଟର ସମୁଦ୍ରରେ ଜୀବନ ବିତାଉଛନ୍ତି । ସେ ବିଗତ ୭ ବର୍ଷ ଧରି ଲକଜୁରୀ କ୍ରୁଜ ସିପ କ୍ରିଷ୍ଟଲ ସେରେନିଟିରେ ରହୁଛନ୍ତି । ମୃତ୍ୟୁ ପୂର୍ବରୁ ଲିଙ୍କୁ ତାଙ୍କ ସ୍ୱାମୀ କହିଥିଲେ । ତାଙ୍କ ଅନ୍ତେ ସେ ଯେମିତି ଜାହାଜରେ ନରହିବା ଛାଡନ୍ତି । ଲି ତାଙ୍କର ୫୦ ବର୍ଷର ବୈବାହିକ ଜୀବନରେ ଅଧିକାଂଶ ସମୟ ଜାହାଜରେ ରହୁଥିଲେ । ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଘର ବିକି ଦେଇ ଜାହାଜରେ ରହିବାକୁ ଆରମ୍ଭ କଲେ । ଏଥିରେ ତାଙ୍କର ରହିବା, ଖାଇବା, ଡ୍ୟାନ୍ସ ପ୍ରୋଗ୍ରାମ, କକଟେଲ ପାର୍ଟି ଆଦି ସାମିଲ ହୋଇଛି ।

## ଇଲେକ୍ଟ୍ରିକ୍ ଚାମଚ



ଏବେ ଖାଦ୍ୟର ସ୍ୱାଦକୁ ପରିବର୍ତ୍ତନ କରିବ ଚାମଚ । ହଁ ସତରେ, ଜାପାନ, ଟୋକିଓସ୍ଥିତ ମେଇଜି ୟୁନିଭର୍ସିଟିର ବିଶେଷଜ୍ଞମାନେ ଏହି ବିଦ୍ୟୁତ୍ ଚାମଚ ବା କଣ୍ଟା ଚାମଚ ଡିଜାଇନ୍ କରିଛନ୍ତି । ଏହା ଯେ କୌଣସି ଲବଣ ବିହୀନ ତଥା କମ୍ ଲୁଣଯୁକ୍ତ ଖାଦ୍ୟର ସ୍ୱାଦକୁ ଲୁଣଯୁକ୍ତ କରିବାରେ ସାହାର୍ଯ୍ୟ କରିବ । ତେବେ ଏହି ଚାମଚରେ ଲୁଣ ନାହିଁ କିମ୍ବା ସତରେ ଏହା ଖାଦ୍ୟକୁ ଲୁଣିଆ କରି ନଥାଏ । ଏହି ଚାମଚରେ ଖାଦ୍ୟ ଖାଇବା ସମୟରେ ଏଥିରେ ଥିବା ଏକ ବଟନ୍‌କୁ ଅନ୍ କରିବା ଦ୍ୱାରା କମ୍ ଲୁଣଯୁକ୍ତ ଖାଦ୍ୟ ବି ସ୍ୱାଦିଷ୍ଟ ଲାଗେ । ଉକ୍ତ ଇଲେକ୍ଟ୍ରିକ୍ ଚାମଚରେ କମ୍ ଭୋଲ୍ଟର ବିଦ୍ୟୁତ ପ୍ରବାହିତ ହେଉଥିବା ଯୋଗୁ ଏହା ବିପଦମୁକ୍ତ । ଏହି ନୂଆ କୌଶଳ ବିଶେଷକରି ସୋଡିୟମ୍ ଡାଏଟ୍ କରୁଥିବା ଲୋକଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଗବେଷଣାରତ ବିଶେଷଜ୍ଞ ହିରୋମି ନାକାରୁମି କହିଛନ୍ତି । ଏହାବ୍ୟତୀତ ଡାଇବେଟିସ୍ ଓ ଲୋ ବ୍ଲଡ୍‌ପ୍ରେସର ରୋଗୀ ମଧ୍ୟ ଏହି ଚାମଚ ବ୍ୟବହାର କରି କମ୍ ଲୁଣଯୁକ୍ତ ଖାଦ୍ୟରେ ବି ସ୍ୱାଦିଷ୍ଟ ବ୍ୟଞ୍ଜନର ମଜା ନେଇପାରେ ।




# କେନ୍ଦ୍ରାପଡ଼ାର ରାଜନୀତିକ ଦୃଶ୍ୟ !

ସାମ୍ପ୍ରତିକ ରାଜନୀତିରେ ନେତାଙ୍କୁ ଚିହ୍ନିବା ସହଜ ନୁହେଁ। ସାଧାରଣତଃ ତୃଣମୂଳ ସ୍ତରରେ ଲୋକଙ୍କ ସେବା କରି, ଲୋକଙ୍କ ସୁଖ-ଦୁଃଖରେ ଏକାକାର ହୋଇ ନେତା ପାଲଟି ଥିବା ବ୍ୟକ୍ତି ହିଁ ବାସ୍ତବ କ୍ଷେତ୍ରରେ ଲୋକପ୍ରତିନିଧି ହେବାକୁ ଯୋଗ୍ୟ ହୋଇ ଥାଏ। ଲୋକେ ରାଜନେତାଙ୍କ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ନେତାଙ୍କ ମିଥ୍ୟା ପ୍ରତିଶ୍ରୁତି ଓ କପୋଳକଳ୍ପିତ କଥାରେ ସାଧାରଣ ଲୋକଙ୍କ ସମର୍ଥନ ମିଳେନାହିଁ। ବିକାଶମୂଳକ କାର୍ଯ୍ୟ ଏବଂ ସାଧାରଣ ଲୋକ ମାନଙ୍କର ମଙ୍ଗଳ ପାଇଁ ନିଷ୍ଠାପର କାର୍ଯ୍ୟ କରି ଚାଲିଲେ, ଯିଏ କେହି ଲୋକଙ୍କ ବିଶ୍ୱାସଭାଜନ ହୋଇଥାଏ। ସାଧାରଣତଃ କୁହାଯାଇଥାଏ, ଭାରତୀୟ ଗଣତନ୍ତ୍ରର ମନ୍ଦିର ଗୁଡ଼ିକୁ ଆମେ ଗଣତାନ୍ତ୍ରିକ ସଂସ୍କାର ଥିବା ଓ ସଂସଦ ବା ବିଧାନସଭାରେ ଲୋକଙ୍କ ଆଶା-ଆକାଂକ୍ଷା, ସୁଖ-ଦୁଃଖ ଏବଂ ଦୃଷ୍ଟିକୋଣକୁ ଗଣତାନ୍ତ୍ରିକ ଢ଼ଙ୍ଗରେ ଉପସ୍ଥାପିତ କରିପାରୁଥିବା ବ୍ୟକ୍ତିମାନଙ୍କୁ ନିର୍ବାଚିତ କରି ପଠାଇବା ଉଚିତ। କାରଣ ସେମାନେ ଆମର ପ୍ରତିନିଧି, ପ୍ରବକ୍ତା ଓ ସୁଖ-ଦୁଃଖର ସାଥୀ ମଧ୍ୟ। ଯେତେବେଳେ ସୁଯୋଗ୍ୟ ନେତାମାନେ ସଂସଦ ବା ବିଧାନସଭାକୁ ନିର୍ବାଚିତ ହୁଅନ୍ତି, ସେତେବେଳେ ସଂପୃକ୍ତ ଅଂଚଳ ତଥା ସାଧାରଣ ଲୋକଙ୍କ ଉନ୍ନତି ହେବା ସହ ସେହି ନେତା ନିଜ ନିର୍ବାଚନ କ୍ଷେତ୍ରରେ ଅପରାଜେୟ ହୋଇଯାଆନ୍ତି। ସମସ୍ତ ରେକର୍ଡ଼ ଭାଙ୍ଗି ରାଜ୍ୟ ଓ ଦେଶରେ ଇତିହାସ ସୃଷ୍ଟି କରନ୍ତି ! ଚିରଦିନ ପାଇଁ ଲୋକମାନଙ୍କ ମନରେ ସେମାନେ ସ୍ମରଣୀୟ ହୋଇ ରହନ୍ତି। ସେହିଭଳି ଜଣେ ନେତା ହେଲେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରର ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା। ଆମେରିକାରେ ପାଠପଢା ଶେଷ ପରେ ବୈଜୟନ୍ତବାବୁ ଶିଳ୍ପ କ୍ଷେତ୍ରରେ ନିଜର କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଧୀରେଧୀରେ ସେ ରାଜନୀତି ପ୍ରତି ଆକୃଷ୍ଟ ହୋଇଥିଲେ। ବୈଜୟନ୍ତବାବୁ ଜଣେ ପ୍ରଗତିଶୀଳ ମଣିଷ ଭାବେ ବିଭିନ୍ନ ସାମାଜିକ ଓ ଗଣ ଆନ୍ଦୋଳନ ସହିତ ନିଜକୁ ସାମିଲ କରିଛନ୍ତି। କେବଳ କେନ୍ଦ୍ରାପଡ଼ା କି ଓଡ଼ିଶା ନୁହେଁ, ଜାତୀୟ ରାଜନୀତି କ୍ଷେତ୍ରରେ ମଧ୍ୟ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ଏପରିକି ଜଣେ ପ୍ରଚଣ୍ଡ ରାଜନୀତିକ ଜ୍ଞାନର ଅଧିକାରୀ ତଥା ଅଭିଜ୍ଞ ସାଂସଦ ଭାବେ ତାଙ୍କର ରାଜନୀତିକ ଓ ସଂସଦୀୟ କାର୍ଯ୍ୟଦକ୍ଷତା ତାଙ୍କୁ ଆପେ ଜାତୀୟ ରାଜନୀତି ମଂଚରେ ଛିଡ଼ା କରି ଦେଇଛି। ୨୦୦୦ ଓ ୨୦୦୬ ମସିହାରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ବିଜେଡ଼ି ରାଜ୍ୟସଭା ସଂସଦୀୟ ଦଳର ନେତା ପଦରେ ଅଧିଷ୍ଠିତ ହୋଇଥିଲେ। ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ସେ ବିଜେଡ଼ି ଟିକଟରେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରରୁ ନିର୍ବାଚିତ ହୋଇ ବିଭିନ୍ନ ସଂସଦୀୟ କମିଟିର ଜଣେ ପ୍ରମୁଖ ସଦସ୍ୟ ଭାବେ ନିଜର ଦାୟିତ୍ୱ ସଫଳତାର ସହ ତୁଲାଇଥିଲେ।

ସଂସଦ ଅଧିବେଶନରେ ବୈଜୟନ୍ତ ବାବୁଙ୍କର କାର୍ଯ୍ୟଶୈଳୀ, ପ୍ରଭାବୀ ବକ୍ତୃତା ଓ ଜାତୀୟ ସ୍ତରୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ ତଥା ସଂସଦ ବାହାରେ, ନିଜ ରାଜ୍ୟରେ ଓ ନିଜ ନିର୍ବାଚନ ମଣ୍ଡଳୀରେ ତାଙ୍କର ଲୋକାଭିମୁଖୀ କାର୍ଯ୍ୟ ଅଦ୍ୱିତୀୟ। ସଂସଦ ଅଧିବେଶନରେ ପ୍ରଶ୍ନ-ଉତର, ବଜେଟ୍, ବିଧେୟକ, ଧ୍ୟାନାକର୍ଷଣ, ସ୍ଥଗନ, ଚର୍ଚ୍ଚା ଭଳି ମହତ୍ୱପୂର୍ଣ୍ଣ ଆଲୋଚନାରେ ବୈଜୟନ୍ତବାବୁ ଉପସ୍ଥିତ ରହି ସବୁଥିରେ ସକ୍ରିୟ ଅଂଶ ଗ୍ରହଣ କରନ୍ତି। ଦେଶରେ ଦାରିଦ୍ର୍ୟ, ଅନାହାର, ପୁଷ୍ଟିହୀନତା, ମାତୃ ଓ ଶିଶୁମୃତ୍ୟୁ, ଦାଦନ ଭଳି ବିଭିନ୍ନ ସାମାଜିକ ଓ ପ୍ରଶାସନିକ ସମସ୍ୟା ସମାଧାନ ପାଇଁ ସେ ନିୟମିତ କାର୍ଯ୍ୟ କରି ଆସିଛନ୍ତି। ଏଥିପାଇଁ ମଧ୍ୟ ସେ ସଂସଦରେ ଅନେକ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପନ କରିଛନ୍ତି। ୨୦୧୧ରେ ବୈଜୟନ୍ତବାବୁଙ୍କ ସମେତ ଏକ ଉଚ୍ଚସ୍ତରୀୟ ଯୁବ ସଂସଦୀୟ ଦଳ "ସିଟିଜେନ୍ସ ଆଲିଆନ୍ସ ଏଗ୍ନେଷ୍ଟ ମାଲ୍ନ୍ୟୁଟ୍ରିସନ୍" ଶିଶୁ ପୁଷ୍ଟିହୀନତାର କାରଣ ସଂପର୍କରେ ସାରା ଭାରତରେ ବୁଲି ମା', ଶିଶୁ, ଅଙ୍ଗନୱାଡ଼ୀ କର୍ମୀ ଓ ସରକାରୀ କର୍ମକର୍ତାଙ୍କୁ ଭେଟିଥିଲେ। ଏହି ଦଳ ୧ଲକ୍ଷରୁ ଉର୍ଦ୍ଧ୍ୱ ଶିଶୁ ଓ ୭୪ ହଜାରରୁ ଉର୍ଦ୍ଧ୍ୱ ମା'ଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଏହା ଦେଶର ସବୁଠୁ ବଡ଼ ପୁଷ୍ଟିହୀନତା ସର୍ଭେ ଥିଲା। ୨୦୧୩ରେ ରାଜନୀତିକ ବ୍ୟକ୍ତିଙ୍କ ବିରୁଦ୍ଧରେ ଥିବା ଅପରାଧିକ ମାମଲାର ବିଚାର ପାଇଁ ସ୍ପେଶିଆଲ୍ ଫାଷ୍ଟ ଟ୍ରାକ୍ କୋର୍ଟ ସ୍ଥାପନ ପାଇଁ, ୨୦୧୩ରେ ରାଜନୀତିରେ ଅପରାଧୀକରଣ ନିୟନ୍ତ୍ରଣ ପାଇଁ, ୨୦୧୪ରେ ଜଣେ ବ୍ୟକ୍ତି ଏକସମୟରେ ସଂସଦୀୟ କ୍ଷେତ୍ର ଓ ବିଧାନସଭା କ୍ଷେତ୍ର ଉଭୟରୁ ନିର୍ବାଚିତ ହୋଇ ପରେ ଯେଉଁ ଆସନରୁ ଇସ୍ତଫା ଦେବେ, ସେଠାରେ ଦ୍ୱିତୀୟ ସ୍ଥାନ ଦଖଲ କରିଥିବା ପରାଜିତ ପ୍ରାର୍ଥୀଙ୍କୁ ନିର୍ବାଚିତ ଘୋଷିତ କରିବାକୁ ସଂସଦରେ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପନ କରିଥିଲେ।

ସୂଚନାଯୋଗ୍ୟ ଯେ, ୨୦୧୮ ଜାନୁୟାରୀ ୨୪ ତାରିଖରେ ତାଙ୍କୁ ବିଜେଡ଼ିର ପ୍ରାଥମିକ ସଭ୍ୟ ପଦରୁ ନିଲମ୍ବନ କରାଯାଇଥିଲା, ଯାହାକୁ କେନ୍ଦ୍ରାପଡ଼ାର ସଚେତନଶୀଳ ନାଗରିକମାନେ ଗ୍ରହଣ କରିପାରି ନ ଥିଲେ। ତା.୨୮.୦୫. ୨୦୧୮ରିଖରେ ବିଭିନ୍ନ କାରଣ ଦର୍ଶାଇ ବୈଜୟନ୍ତବାବୁ ବିଜେଡ଼ିରୁ ଇସ୍ତଫା ଦେଇଥିଲେ ଓ ତା.୧୨.୦୬.୨୦୧୮ ରିଖରେ ଲୋକସଭା ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ। ତେବେ ୨୦୧୯ ମାର୍ଚ୍ଚ ୪ ତାରିଖରେ ସେ ବିଜେପିରେ ଯୋଗ ଦେଇଥିଲେ। ଏହାର ମାତ୍ର ଚାରିଦିନ ପରେ ମାର୍ଚ୍ଚ ୮ ତାରିଖରେ ତାଙ୍କୁ ଅତି ଗୁରୁତ୍ୱପୂର୍ଣ୍ଣ ବିଜେପି ଜାତୀୟ ଉପ-ସଭାପତି ତଥା ମୁଖପାତ୍ର ପଦରେ ଅବସ୍ଥାପିତ କରାଯାଇଥିଲା। ବୈଜୟନ୍ତବାବୁ ଯେପରି ସ୍ଥାନୀୟ ସମସ୍ୟାକୁ ଗୁରୁତ୍ୱ ଦେଇ ଉନ୍ନୟନ କାର୍ଯ୍ୟକୁ ଆଗେଇ ନେଇଥା'ନ୍ତି ଓ ଲୋକଙ୍କୁ ଭଲ ପାଆନ୍ତି, ପୂର୍ବର କୌଣସି ସାଂସଦଙ୍କଠାରେ ତାହା ଦେଖାଯାଇ ନ ଥିଲା। ବାସ୍ତବରେ ସାଧାରଣ ଲୋକଙ୍କ ପାଇଁ ଉନ୍ନୟନ କାର୍ଯ୍ୟରେ ନିଜକୁ ସଂପୂର୍ଣ୍ଣ ଭାବେ ଉତ୍ସର୍ଗ କରିଥିଲେ ବୈଜୟନ୍ତବାବୁ। ତେବେ ବୈଜୟନ୍ତବାବୁ ୨୦୧୯ ଲୋକସଭା ନିର୍ବାଚନରେ କେନ୍ଦ୍ରାପଡ଼ା ଆସନରେ ତୃତୀୟ ଥର ପାଇଁ ବିଜେପି ଟିକଟରେ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ନିର୍ବାଚନରେ ବିଜେଡ଼ିର ଅନୁଭବ ମହାନ୍ତି ୬,୨୮,୯୩୯ ଖଣ୍ଡ ଭୋଟ ପାଇଥିଲାବେଳେ ବିଜେପିର ବୈଜୟନ୍ତ ପଣ୍ଡା ୪,୪୭,୪୫୬ ଖଣ୍ଡ ଭୋଟ ଏବଂ କଂଗ୍ରେସର ଧରଣୀଧର ନାୟକ ୧,୧୩,୮୪୧ ଖଣ୍ଡ ଭୋଟ୍ ପାଇଥିଲେ। ତେବେ ବିଜେଡ଼ିର ଅନୁଭବ ମହାନ୍ତି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବୈଜୟନ୍ତବାବୁଙ୍କୁ ୧,୮୧,୪୮୩ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ଏଠାରେ ପ୍ରଶ୍ନ ଉଠିପାରେ ଯେ, କେନ୍ଦ୍ରାପଡ଼ାର ବିକାଶ ପାଇଁ ବୈଜୟନ୍ତ ବାବୁ ଅନେକ ଉନ୍ନୟନ କାର୍ଯ୍ୟ କରିବା ସହ ବହୁ ଉନ୍ନୟନ ଯୋଜନା ହାତକୁ ନେଇଥିଲେ ହେଁ ମତଦାତାମାନେ ତାଙ୍କୁ ପ୍ରତ୍ୟାଖ୍ୟାନ କଲେ କାହିଁକି ? ତେବେ ମୁଖ୍ୟତଃ ଦୁଇଟି କାରଣ ପାଇଁ ବୈଜୟନ୍ତବାବୁ ପରାଜିତ ହେଲେ ବୋଲି ରାଜନୀତିକ ସମୀକ୍ଷକମାନେ ମତ ଦେଇଥିଲେ।। ପ୍ରଥମତଃ ବିଜେପିରେ ମିଶିବା ତାଙ୍କ ପାଇଁ କାଳ ହେଲା। କାରଣ ଯେଉଁ ସଂଖ୍ୟାଲଘୁ ଭୋଟ୍, ପୂର୍ବରୁ ବୈଜୟନ୍ତବାବୁଙ୍କ ହାତମୁଠାରେ ଥିଲା, ସେ ବିଜେପିର ପ୍ରାର୍ଥୀ ହେବାପରେ ପ୍ରାୟତଃ ସବୁ ଭୋଟ ବିଜେଡ଼ି ହାତକୁ ଚାଲିଗଲା। ଦ୍ୱିତୀୟତଃ ବୈଜୟନ୍ତ ବାବୁଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ଯୁବ ଗୋଷ୍ଠୀର ଭୋଟଗୁଡ଼ିକ ଅତି ସହଜରେ ବିଜେଡ଼ି ଅକ୍ତିଆରକୁ ଚାଲିଗଲା। ସେହିପରି ଭୋଟ ପରିଚାଳନା ବେଳେ ସେ ତାଙ୍କର ପୁରୁଣା ସମର୍ଥକ ଓ ଶୁଭେଚ୍ଛୁମାନଙ୍କୁ ଆଡ଼େଇଦେବା ଦେଖାଯାଇଥିଲା। ଅନ୍ୟପକ୍ଷରେ ବୈଜୟନ୍ତ ବାବୁଙ୍କ ପ୍ରାର୍ଥୀତ୍ୱ ଓ ନିର୍ବାଚନ ବିଜୟ ପାଇଁ ବିଜେପିର କେତେକ ଆଗଧାଡ଼ିର ନେତା ସେମିତି କିଛି ସହଯୋଗ ଦେଇନଥିବା ସେତେବେଳେ ମନେହୋଇଥିଲା ବୋଲି ରାଜନୀତିକ ସମୀକ୍ଷକମାନେ ମତ ଦେଇଥିଲେ। ମାତ୍ର ବିଜେଡ଼ି ପ୍ରାର୍ଥୀ ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କର ଅଭିନେତ୍ରୀ ସହଧର୍ମିଣୀ ବର୍ଷା ପ୍ରିୟଦର୍ଶିନୀ ନିଜର ଯଥେଷ୍ଟ ଉଦ୍ୟମ ବଳରେ ଯୁବଗୋଷ୍ଠୀକୁ ନିଜ ପକ୍ଷକୁ ଆଣିପାରିଥିଲେ। ଯେଉଁଥିପାଇଁ ବିଜେଡ଼ି ସହଜ ବିଜୟଲାଭ କରିଥିଲା।

ବାସ୍ତବତା ଦେଖାଗଲେ, ବୈଜୟନ୍ତ ପଣ୍ଡା ଜଣେ ଭିନ୍ନ ଚରିତ୍ରର ମଣିଷ। ସାଂସଦ ନଥାଇ ମଧ୍ୟ ସେ ସବୁବେଳେ କେନ୍ଦ୍ରାପଡ଼ା ଅଂଚଳରେ ରହି ଲୋକମାନଙ୍କ ସୁଖ-ଦୁଃଖରେ ଭାଗୀ ହେଉଥିବା ଦେଖାଯାଉଛି। ଦଳମତ ନିର୍ବିଶେଷରେ କେନ୍ଦ୍ରାପଡ଼ାର ସାଧାରଣ ମଣିଷକୁ ସେ ବନ୍ଧୁ ଭାବରେ ଗ୍ରହଣ କରିଥିବା ବେଳେ ତାଙ୍କ ପ୍ରତି ମଧ୍ୟ କେନ୍ଦ୍ରାପଡ଼ାବାସୀଙ୍କର ଏବେ ବି ଅକୁଣ୍ଠ ସମର୍ଥନ ରହିଛି।

# ଦେଶ, ଜାତି ଧର୍ମ ଓ ଜାତିଗଣନା

ଭାରତ ବର୍ଷ ଏକ ଧର୍ମ ନିରପେକ୍ଷ ଗଣତନ୍ତ୍ର ରାଷ୍ଟ୍ର । ତେବେ ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପରେ ବି ଧର୍ମ, ଗଣତନ୍ତ୍ର, ନିରପେକ୍ଷତା କଣ ସଠିକ ମାର୍ଗରେ ଚ଼ାଲିଛି । ଏହାକୁ ଆୟୁଧ କରି ରଜନୀତିକ ଦଳମାନେ ବଡ଼ ବଡ଼ କଥା କହୁଥିବା ବେଳେ କାର୍ଯ୍ୟ କ୍ଷେତ୍ରରେ ଏହାର ସ୍ୱରୂପକୁ କେଉଁ ସ୍ତରରେ ପହଞ୍ଚାଇଲେଣି ଓ ଏହାର ପରିଣତି କଣ ହେବ ତାହା କେବେ ଚ଼ିନ୍ତା କରୁଛନ୍ତି କି । ଦେଶ ଓ ଜାତିର ଉନ୍ନତି ପାଇଁ ସେବା ନାମରେ କ୍ଷମତା ଉପଭୋଗ କରୁଥିବା ଶାସକ ମାନେ ୭୫ ବର୍ଷ ଧରି କରୁଛନ୍ତି କଣ । କାହିଁକି ସବୁ ପ୍ରକାର ସଂରକ୍ଷଣ ସତ୍ୱେ ଅନୁନ୍ନତ ଶ୍ରେଣୀ ସଂଖ୍ୟାରେ ପରିବର୍ତ୍ତନ ହେଉନାହିଁ । ପିଛଡା ହେଉ ଦଳିତ ହେଉ ଏସ ଟି ହେଉ ଏସ ସି ହେଉ ଯଦି ସେମାନେ ଶୀର୍ଷ ସ୍ତରରେ ପହଂଚ଼ି ପାରୁନାହାନ୍ତି ଦାୟୀ କିଏ । ସେମାନଙ୍କ ପାରିପାର୍ଶ୍ୱିକ ଅବସ୍ଥା, ଅର୍ଥାଭାବ, ମାନସିକତା,ଶିକ୍ଷା ପ୍ରତି ଅନାଗ୍ରହତା ଇତ୍ୟାଦି ଦାୟୀ ନା ଯେଉଁମାନେ ତାଙ୍କ ନାମରେ ନିର୍ବାଚ଼ନ ପାରି ହେଉଛନ୍ତି ସେମାନେ ଦାୟୀ କେବେ କେହି ଚ଼ିନ୍ତା କରନ୍ତି କି କ୍ଷ କେବେ ବି ରଜନୀତିକ ଦଳମାନେ ଏହି ଶ୍ରେଣୀର ଲୋକମାନଙ୍କ ପ୍ରକୃତ ଉନ୍ନତି କ୍ଷେତ୍ରରେ ସାମୂହିକ ଚ଼ିନ୍ତା ବା ଯୋଜନା କରିଛନ୍ତି କି । ସବୁ ସୁବିଧା ସତ୍ୱେ ସେମାନେ କାହିଁକି ୭୫ ବର୍ଷ ଧରି ଦୁର୍ବଳ ଏବଂ କଣ କଲେ ସେମାନେ ଶାସନ, ଶିକ୍ଷା, ସର୍ବୋଚ୍ଚ଼ ପଦ ପଦବୀର ଶୀର୍ଷ ସ୍ତରରେ ପହଂଚ଼ି ପାରିବେ ଏ ଦାୟିତ୍ୱ କେବେ ନିଜ ଉପରକୁ ନେଇଛନ୍ତି କି । ବରଂ ଏ ଦାୟିତ୍ୱ ଯାହାର ସେମାନେ ଓ ସେ ଦିଗରେ ସଫଳ ହୋଇପାରୁନଥିବା ରଜନୀତିକ ଦଳର ମୁଖିଆମାନେ ନୂଆ ନୂଆ ଫନ୍ଦି ଫିକର ରେ ଜନତାଙ୍କୁ ବିଭ୍ରାନ୍ତ କରି ଚ଼ାଲିଛନ୍ତି । ଜାତି ଜାତି ମଧ୍ୟରେ ବିଭେଦ ଦୂର କରିବା ପରିବର୍ତ୍ତ ? ସମାଜକୁ ଭାଗ ଭାଗ କରିବା ପାଇଁ ରଜନୀତିକ ଦଳ,ଗଣମାଧ୍ୟମ ଓ ସୋସିଆଲ ମେଡିଆ ରେ ପ୍ରତିଯୋଗିତା ଚ଼ାଲିଛି । ଦେଶର ଗୋଟିଏ ବିଭାଜନ ଆଜି ବି ପ୍ରଶ୍ନ ଚ଼ିହ୍ନ ହୋଇ ଲୋକଙ୍କ ମଧ୍ୟରେ ଘୁରିବୁଲୁଥିବା ବେଳେ ୭୫ ବର୍ଷ ପରେ ରଜନୀତିକ ଦଳ ମାନଙ୍କର ଜାତି ଗଣନା ଆବଶ୍ୟକ ହେଉଛି ଏହା ସମାଜକୁ ଯୋଡିବ ନା ଭାଙ୍ଗିବ । ଏହା କାହାର ହିତ ସାଧନ କରିବ । ଏତେ ବର୍ଷ ଧରି ଯଦି କୌଣସି ବ୍ୟବସ୍ଥା ବା ଅବସ୍ଥା ସୁଧୁରି ନାହିଁ ବା ସୁଧୁରି ପାରୁନାହିଁ ଜାତି ଗଣନା କରି କଣ ସୁଧାରି ନେବେ । ଜାତି କଣ ଏବେ ସୃଷ୍ଟି ହେଲା । ପ୍ରଥମତଃ ଆମେ ଦୁଇ ଆମର ଦୁଇ, କେଉଁଠି ଆମେ ଏକ ଆମର ଏକ ରେ ବିଶ୍ୱାସ କରୁଥିବା ଜନତା ଏବଂ ଏହାକୁ ବିଶ୍ୱାସ କରୁନଥିବା ବା ଏହାର ଗୁରୁତ୍ୱ ବୁଝୁନଥିବା ଜନତାଙ୍କ ସଂଖ୍ୟା ମଧ୍ୟରେ ତୁଳନା କରାଗଲେ କେଉଁ ସଂଖ୍ୟା ଅଧିକ ହେବ ତାହା ସହଜରେ ଅନୁମେୟ କ୍ଷ ଏହାକୁ ଯଦି ଜାତି ଆଧାରରେ ବାଣ୍ଟି ଦିଆଯାଏ ଗୋଟିଏ ପରିବାରର ଏକ ଦୁଇ ପରିବର୍ତ୍ତ ? ୩/୪ ସଂଖ୍ୟା ନିଶ୍ଚୟ ବେଶୀ ହେବ କ୍ଷ ଏଥିପାଇଁ କଣ ନଗଣ୍ୟ ସଂଖ୍ୟା ଦାୟୀ । ଅପର ପକ୍ଷରେ ଶିକ୍ଷା ହେଉ, ସଂସ୍କାର ହେଉ ସମାଜରେ ଅନ୍ୟମାନଙ୍କ ସହ ସମକକ୍ଷ ହେବା ପାଇଁ ସେମାନଙ୍କର ମାନସିକତାରେ, ପରିବେଶରେ, ସଂସ୍କାରରେ ପରିବର୍ତ୍ତନ ଆଣିବା ଓ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଉତ୍ସାହ ଦେବା ସହ ଯାହା ଦରକାର ଯେଉଁମାନେ ଦେଶର ସେବା କରିବା ଓ ଉନ୍ନତି କରିବା ପାଇଁ ଚ଼ିତ୍କାର କରୁଛନ୍ତି ସେମାନେ ସେ ଦିଗରେ ତାହା ଅଗ୍ରାଧିକାର ଭିତ୍ତିରେ ଆଜି ପର୍ଯ୍ୟନ୍ତ କରିଛନ୍ତି କି କ୍ଷ ନିଜର ବିଫଳତାକୁ ସ୍ୱୀକାର ନ କରି ପୁଣି ବିଭାଜନ ସୃଷ୍ଟି କରି ନୂଆ ନାରା ଦେଇ କ୍ଷମତା ଆହରଣର ନୂଆ କୌଶଳ ପ୍ରୟୋଗ ଦେଶ ପାଇଁ କ୍ଷତିକାରକ କି ନୁହେଁ କେହି ଚ଼ିନ୍ତା କରୁଛନ୍ତି କି । ସେଇଭଳି ଧର୍ମ ଏକ ବିଶ୍ୱାସର ପ୍ରତୀକ । ଏହାକୁ ପ୍ରତ୍ୟେକ ରଜନୀତିକ ଦଳ ନିଜ ଆବଶ୍ୟକତା ଅନୁଯାୟୀ ବ୍ୟବହାର କରୁଛନ୍ତି । ନା ଧର୍ମରେ, ନା ଗଣତାନ୍ତରେ କେଉଁଠି ନିରପେକ୍ଷତା ଅଛି ? । ଧର୍ମ ନାମରେ ଧର୍ମାନ୍ଧତା, ଗଣତନ୍ତ୍ର ନାମରେ ରାଜତନ୍ତ୍ର ପ୍ରାବଲ୍ୟ ହେଉଛି କ୍ଷ ସବୁ କ୍ଷେତ୍ରରେ ଜନତା ଶୋଷିତ ହେଉଛି କ୍ଷ ଜନତାର ଅର୍ଥକୁ ଉନ୍ନତି ଦିଗରେ କମ ମାଗଣା ବାଣ୍ଟିବାରେ ବହୁଳ ଖର୍ଚ୍ଚ କରି ସମସ୍ତଙ୍କୁ ଦୁର୍ବଳ କରି ରଖାଯାଉଛି । ଏ ଜାତି ଓ ଜନତା ଯେତେ ଦୁର୍ବଳ ହେବେ ସମସ୍ୟା ସେତେ ସୃଷ୍ଟି ହେବ ଓ ସମସ୍ୟା ସମାଧାନ ପାଇଁ ନୂଆ ନୂଆ ନାମରେ କଲ୍ୟାଣକାରୀ ଯୋଜନା ସୃଷ୍ଟି ହେବ । ଫଳରେ କ୍ଷମତାର ଡୋରି ନିଜ ହାତରେ ରଖିବା ସେତେ ସହଜ ହେବ । ଯଦି କ୍ଷମତା ପାଇଁ ବାଣ୍ଟିବା ଏତେ ଜରୁରୀ ତେବେ ମନ୍ତ୍ରୀସ୍ତରୀୟ ପ୍ରତିନିଧିତ୍ୱରେ ଜାତିଭିତ୍ତିକ ସଂରକ୍ଷଣ,ମହିଳା ସଂରକ୍ଷଣରେ ବି ଜାତିଭିତ୍ତିକ ସଂରକ୍ଷଣ ଓ ଭାରତବର୍ଷକୁ ମଧ୍ୟ ଜାତିଭିତ୍ତିକ ଆଧାରରେ ନୂଆ କରି ପ୍ରଦେଶ ଗଠନ କରି ବାଣ୍ଟି ଦିଆଯାଉ । ଫଳରେ କ୍ଷମତା ପାଇବା ପାଇଁ ବାଟ ଆହୁରି ସହଜ ହୋଇଯିବ । ପ୍ରସଙ୍ଗଟି ଉପସ୍ଥାପନା କରିବାର ଉଦ୍ଦେଶ୍ୟ ହେଲା ଜାତିଭିତ୍ତିକ ସଂଖ୍ୟା ଗଣନା ଓ ଏହାର ପରିଣତି । ଏବେ ଗୋଟିଏ ରାଜ୍ୟର ଜାତିଭିତ୍ତିକ ଗଣନାରେ ଯେଉଁ ଜାତିର ସଂଖ୍ୟା ନଗଣ୍ୟ ସେମାନେ ଆନୁପାତିକ ହିସାବରେ ବେଶୀ ଭାଗ ସର୍ବୋଚ୍ଚ଼ ପଦବୀରେ ରହିଥିବା ନେଇ କେତେକ ପ୍ରସଙ୍ଗ ଗଣମାଧ୍ୟମ ଓ ସୋସିଆଲ ମେଡିଆରେ ଯୁକ୍ତି କରାଯାଉଛି । ଏଭଳି ପ୍ରଶ୍ନ କଣ ଇର୍ଷା ଓ ଘୃଣାଭାବ ସୃଷ୍ଟି କରୁନାହିଁ କି । ଯେଉଁ ନଗଣ୍ୟ ସଂଖ୍ୟା ଆଜି ସର୍ବୋଚ୍ଚ଼ ପଦ ପଦବୀରେ ଅଛନ୍ତି ( ରଜନୀତିକ ବ୍ୟକ୍ତିଙ୍କୁ ବାଦ ଦେଇ ) ସେମାନେ କଣ ସଂରକ୍ଷଣରେ ପଦ ପଦବୀ ହାତେଇଛନ୍ତି କି ?ଯଦି କେହି ନିଜର ଦକ୍ଷତା, ଯୋଗ୍ୟତା ବଳରେ ସର୍ବୋଚ୍ଚ଼ ପଦ ପଦବୀରେ ବସିପାରିଲା ସେଥିରେ ଇର୍ଷା ଓ ପ୍ରଶ୍ନ କାହିଁକି । ଏଭଳି ମାନସିକତା ବ୍ୟକ୍ତିବିଶେଷ ଆଗ ନିଜ ପଦ ଛାଡି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରନ୍ତୁ । ତେଣୁ ଆଜି ସମସ୍ତଙ୍କର ଚ଼ିତ୍କାର କରିବାର ବେଳ ଆସିଛି ୭୫ ବର୍ଷ ଧରି ଭଣ୍ଡାଇ ଚ଼ାଲିଛ, ଆଉ ଆମକୁ ଭାଷଣରେ ନ ବାଣ୍ଟି ଜାତିରେ ନ ବାଣ୍ଟି ଆମ ଭିତରେ କଳହ ସୃଷ୍ଟି ନ କରି ଏ ଦେଶ ଏ ଜାତିର ଉନ୍ନତି କର ନ ହେଲେ କ୍ଷମତା ଛାଡ଼ ।

କିନ୍ତୁ ୭୫ ବର୍ଷ ଧରି ଭଣ୍ଡାମୀର ଶିକାର ଜନତା କଣ ଏମାନଙ୍କ ପ୍ରାଭୋଲନରୁ ମୁକ୍ତି ପାଇପାରିବେ ?

# ସୁରକ୍ଷାରେ ତ୍ରୁଟି ଯୋଗୁଁ କାରଖାନା ପରିସରରେ ଦୁର୍ଘଟଣା ପରେ ଟିପର ଚାଳକର ମୃତ୍ୟୁ



କେନ୍ଦୁଝର (ପିଏନ୍): କାରଖାନା ପରିସରରେ ସୁରକ୍ଷାରେ ତୃଟି ଯୋଗୁଁ ଜଣେ ଟ୍ରକ ଚାଳକର ମୃତ୍ୟୁ ହୋଇଛି। ପୋଲିଓ ଏବଂ କାରଖାନା ଓ ବାଷ୍ପିତ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ବାମେବାରୀ ଥାନା ଅନ୍ତର୍ଗତ ବସନ୍ତପୁରଠାରେ ଥିବା ଏସେଲ ମାଇନିଂ ଏଣ୍ଡ ଇଣ୍ଡଷ୍ଟ୍ରିଜ ପିଲେଟ ଏବଂ ବେନିଫିକେସନ କାରଖାନା ପରିସରରେ ଏକ ଲୁହାପଥର ଗୁଣ୍ଡ ବୋଝେଇ ଟିପର ଦୁର୍ଘଟଣା ଘଟି ଟିପର ଚାଳକଙ୍କ ମୃତ୍ୟୁ ଘଟିଛି। କାରଖାନା ପରିସରରେ ଟ୍ରାଫିକ ସୁରକ୍ଷା ବ୍ୟବସ୍ଥା ଢିଲା ଓ ଭିତରେ ଥିବା ରାସ୍ତା ବିପର୍ଯ୍ୟସ୍ତ ହୋଇଥିବାରୁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁଥିବାବେଳେ ଏବେ ଏକ ଦୁର୍ଘଟଣା ଘଟି ଜଣେ ଟିପର ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକଙ୍କ ନାମ ଛେଦି ମୁଣ୍ଡା ଏବଂ ବୟସ ୩୧ବର୍ଷ ବୋଲି ଜଣାପଡିଛି। ଏହାକୁ ନେଇ ବାମେବାରୀ ଥାନା ପୋଲିସ ଏକ କେସ ନଂ ୨୦୨ ଦଫା ୨୭୯, ୩୦୪ (ଏ) ଏକ ମାମଲା ରୁଜୁ କରିଥିବାବେଳେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। କାରଖାନା ପରିସରରେ ବେପରୁଆ ଗାଡି ଚାଳନା ଯୋଗୁ ଗାଡି ଚାଳକର ମୃତ୍ୟୁ ହୋଇଥିବା ପୋଲିସ କହିଛି। କାରଖାନା ପରିସରରେ ଦୃତ ଗତିରେ ଗାଡି ଚଳାଉଥିଲେ ସୁରକ୍ଷା କର୍ମଚାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। କେନ୍ଦୁଝରସ୍ଥିତ ସହକାରୀ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ ପକ୍ଷରୁ ମଧ୍ୟ ତଦନ୍ତ ଆରମ୍ଭ ହୋଇଛି। ସହକାରୀ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ ବିଭାଗର ଇଂ କେଦାର ନାଥ ହାଁସଦା ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଏହି ଘଟଣାକୁ ଭିନ୍ନ ମୋଡ ଦେଇ କାରଖାନା କର୍ତ୍ତୃପକ୍ଷ ଙ୍କୁ ସୁରକ୍ଷା ଦେବାକୁ ପ୍ରୟାସ ଚାଲିଥିବାରୁ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଠାରେ ସୂଚନା ଯୋଗ୍ୟ ଯେ, କାରଖାନା ପରିସରରେ ଥିବା ରାସ୍ତାଘାଟ ଗୁଡିକ ସଠିକ ମାନର କରିବା ସହ ଶ୍ରମିକ ତଥା ଗାଡି ଚାଳକ ମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବାର ବ୍ୟବସ୍ଥା ରହିଛି। ସେହିପରି କାରଖାନା ପରିସରରେ ଧୂଳି,ଧୂଆଁ ପ୍ରଦୂଷଣ ନିୟନ୍ତ୍ରଣ କରି ଦୁର୍ଘଟଣା ରୋକିବା ନେଇ ମଧ୍ୟ ପଦକ୍ଷେପ ନିଆଯାଇଥାଏ। ତେବେ ଏସବୁ ଅବ୍ୟବସ୍ଥା ତଦାରଖ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ,ଶ୍ରମ ବିଭାଗ,କାରଖାନା ଓ ବାଷ୍ପିତ ବିଭାଗ ଗସ୍ତ କରି ଯାଂଚ କରିଥାନ୍ତି। ତେବେ ଏହି କାରଖାନାରେ ସେ ସବୁ ଠିକ୍ ଭାବରେ ଯାଂଚ ହୋଇଛି କି ନାହିଁ ତାହାର ତଦନ୍ତ କରିବା ସହ ନିୟମିତ ରାସ୍ତାଘାଟ ସଫେଇ ଓ ଜଳସିଞ୍ଚନ କରାଯାଉନଥିବାରୁ ଗାଡି ଚଳାଚଳ ସମୟରେ ଧୂଳି ଉଡି ସମସ୍ୟା ଦେଖାଦେଇଥାଏ। ଏଣୁ ଏସବୁ ଦୃଷ୍ଟିକୋଣରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତ ଡ୍ରାଇଭରକୁ କ୍ଷତିପୂରଣ ଦେଇ ନ୍ୟାୟ ଦେବାକୁ ଦାବୀ ହୋଇଛି। ଏନେଇ ବାମେବାରୀ ଥାନା ଅଧିକାରୀ ସ୍ୱରୂପ ରଂଜନ ନାୟକ କହିଛନ୍ତି ଯେ, ଘଟଣାକୁ ନେଇ କେସ କରାଯାଇ ତଦନ୍ତ ଚାଲିଛି। ସହକାରୀ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ ବିଭାଗର ଇଂ କେଦାର ନାଥ ହାଁସଦାଙ୍କ ସହ ଯୋଗାଯୋଗ କରିବାରୁ କାରଖାନା ପରିସରରେ ଦୁର୍ଘଟଣାର ତଦନ୍ତ ଚାଲିଛି। ମାଲଗାଡିଗୁଡିକ କାରଖାନାରୁ ବାହାରିବା ସମୟରେ ଗାଡିର ଚକା ପାଣିରେ ଧୋଇବା ପାଇଁ ଯେଉଁ ବ୍ୟବସ୍ଥା ହେବା କଥା ତାହା ନାହିଁ। ଫଳରେ କାରଖାନା ଗାଡି ଯିବା ଆସିବା ସମୟରେ ଧୂଳି ଉଡି ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। କାରଖାନା ପରିସରରେ ଜଳସିଞ୍ଚନ ବ୍ୟବସ୍ଥା ମଧ୍ୟ ଠିକ୍ ଭାବରେ କାମ କରୁନଥିବା ଅଭିଯୋଗ ହୋଇଛି। କାରଖାନା ଭିତର ରାସ୍ତା ସଂପୂର୍ଣ୍ଣ ଭାବରେ ଗମନାଗମନ ଅନୁପଯୁକ୍ତ ହୋଇପଡିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାରଖାନା ଭିତର ରାସ୍ତାକୁ ପକ୍କା କରିବା ପାଇଁ ନିର୍ଦ୍ଦେଶନାମା ରହିଥିଲେ ମଧ୍ୟ କାରଖାନା କର୍ତ୍ତୃପକ୍ଷ ଦୀର୍ଘଦିନ ଧରି ଅଣଦେଖା କରୁଛନ୍ତି। ଯାହାଦ୍ୱାରା ଗାଡି ଚଳାଚଳ ସମୟରେ ପ୍ରବଳ ମାତ୍ରାରେ ଧୂଳି ଉଡି ଗୋଟିଏ ଗାଡି ଅନ୍ୟ ଗାଡିକୁ ଦେଖିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଦୁର୍ଘଟଣା ଆଶଙ୍କା ରହୁଛି। ଗାଡି ଚାଲିବା ଦ୍ୱାରା ଏତେ ମାତ୍ରାରେ ଧୂଳି ଉଡୁଛି ଯେ କାରଖାନାର କର୍ମଚାରୀମାନେ ମଧ୍ୟ କାରଖାନା ପରିସରରେ କାମ କରିବା ନିରାପଦ ମଣୁନାହାଁନ୍ତି। କାରଖାନା ଯାଞ୍ଚ ପାଇଁ ଶିଳ୍ପ ବିଭାଗ ଏକ କମିଟି ଗଠନ କରଛନ୍ତି। ଯାହାକୁ ସେଣ୍ଟ୍ରାଲ ଇନ୍ସପେକ୍ସନ କୋ-ଅଡିନେସନ ଗ୍ରୁପ(ସିଆଇସିଜି) କୁହାଯାଉଛି। ଏହି ଗ୍ରୁପ ରେ ଶ୍ରମ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ କୁ ସାମିଲ କରାଯାଇଛି। କମ୍ପ୍ୟୁଟର ଜେନେରେଟେଡ ପ୍ରୋଗ୍ରାମ ଅନୁସାରେ ଏହାର ଅଧିକାରୀମାନେ ବିଭିନ୍ନ କଳକାରଖାନା ପରିଦର୍ଶନ କରିବାର ନିୟମ ରହିଛି । କିନ୍ତୁ ଶିଳ୍ପ ବିଭାଗର ଏହି ମହତ କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲାରେ ଫେଲ ମାରିଛି। ଯୁଗ୍ମ ଭାବେ ଯାଂଚ ସମୟରେ ଅନେକ ବିଭାଗର ଅଧିକାରୀ ଅନୁପସ୍ଥିତ ରହି ପରବର୍ତ୍ତୀ ସମୟରେ କାଗଜକଲମରେ ଯାଂଚ ରିପୋର୍ଟ ପ୍ରସ୍ତୁତ କରି ଅନ୍ଲାଇନରେ ଅପଲୋଡ କରୁଛନ୍ତି। ଏପରିକି ଅନଲାଇନରେ ଅପଲୋଡ ପରେ ଏହାଉପରେ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଶିଳ୍ପ ବିଭାଗର ସିଆଇସିଜି ଯାଞ୍ଚ ର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ଫଳରେ କଳକାରଖାନାରେ ଥିବା ବିଭିନ୍ନ ଅବ୍ୟବସ୍ଥାର ସୁଧାର ଆସି ପାରୁନାହିଁ। ଜନହିତକର ଏବଂ ଶିଳ୍ପ ପ୍ରୋତ୍ସାହନ ପାଇଁ କରାଯାଇଥିବା ଏହି ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ।

# ବାଲି ଚୋରା ଚାଲାଣକୁ ଗ୍ରାମବାସୀଙ୍କ ବିରୋଧ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ମଙ୍ଗଳପୁର ପଂଚାୟତ କୋଠିଡ଼ିହ ଗାଁ ନିକଟ ବ୍ରାହ୍ମଣୀ ନଦୀରୁ ହେଉଥିବା ବାଲି ଚୋରା ଚାଲାଣକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି। ଏକ ବାଲି ବୋଝେଇ ହାଇୱା ଓ ପୋକଲିନ୍ ମେସିନ୍କୁ ଅଟକାଇ ଏହି ବେଆଇନ ବାଲିଘାଟକୁ ତୁରନ୍ତ ବନ୍ଦ କରିବା ପାଇଁ ନାରାବାଜି କରିଥିଲେ। ପ୍ରଶାସକ ଓ ରାଜନେତାଙ୍କ ସହଯୋଗରେ ଏଠାରୁ ବାଲିମାଫିଆ ବେଧଡ଼କ ବାଲି ଲୁଟ୍ କରୁଥିବା ବେଳେ ରାଜ୍ୟ ସରକାରଙ୍କର ବିପୁଳ ରାଜସ୍ୱ ହାନୀ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ପ୍ରକାଶ ଯେ, ରସୁଲପୁର ତହସିଲ ଅଧୀନ ଲଙ୍କାବାଲିସାହି ବାଲିଘାଟ ଲିଜ୍ ନେଇଥିବା ଲିଜ୍ଧାରୀ ଧର୍ମଶାଳା ତହସିଲ ଅଧୀନ କୋଠିଡ଼ିହ ନିକଟ ବ୍ରାହ୍ମଣୀ ନଦୀରୁ ବେଆଇନ ଭାବେ ବାଲି ଉତୋଳନ କରୁଛନ୍ତି। ଦୁଇଟି ପୋକଲିନ୍ ମେସିନ୍ ବାଲି ଉତୋଳନ କରୁଥିବା ବେଳେ ଏହାକୁ କେତେକ ହାଇୱାରେ ପରିବହନ କରାଯାଉଛି। ଗୋଟିଏ ହାଇୱାରେ ବାଲି ବୋଝେଇ ହୋଇ ଗଲାପରେ ଅନ୍ୟ ଏକ ହାଇୱା ଘାଟରେ ପଶୁଛି। ସ୍ଥାନୀୟ ଅଂଚଳବାସୀଙ୍କୁ ଅନ୍ଧାରରେ ରଖି ଲିଜ୍ଧାରୀ ଅତି ଚତୁରତାର ସହ କେତେକ ହାଇୱାରେ ଦିନକୁ ଶତାଧିକ ଟ୍ରିପ୍ ବାଲି ଲୁଟି ନେଉଛନ୍ତି। ଲିଜ୍ ଅଂଚଳରୁ ବାଲି ଉଠାଇବା ପରିବର୍ତେ କାହା ନିର୍ଦ୍ଦେଶରେ ବିନା ଆର୍ ଫର୍ମରେ ଏଠାରୁ ବେଆଇନ ବାଲି ଉତୋଳନ ହେଉଛି ? ଲଘୁ ଖଣିଜ ସାମଗ୍ରୀ ଚୋରି ରୋକିବା ପାଇଁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର, ଆର୍ଆଇଙ୍କୁ ନେଇ ଗଠନ ହୋଇଥିବା ସ୍ୱତନ୍ତ୍ର ଟାକ୍ସଫୋର୍ସ କ'ଣ କରୁଛି ବୋଲି ପ୍ରଶ୍ନ ଉଠାଇଛନ୍ତି ଆନ୍ଦୋଳନକାରୀ। ସେହିପରି ଚାନ୍ଦପୁର ମୌଜାରେ ବାଲି ସୈରାତ୍ ଲିଜ୍ ନେଇଥିବା ଲିଜ୍ଧାରୀ ଏଠାରୁ ୩୦ ହଜାର ଘନମିଟରରୁ ଅଧିକ ବାଲି ଲୁଟି ନେଇଥିଲେ। ସ୍ଥାନୀୟ ଅଂଚଳବାସୀଙ୍କ ବିରୋଧ ପରେ ଧର୍ମଶାଳା ତହସିଲ ପକ୍ଷରୁ ଗତ ଜୁନ୍ ମାସରେ ଏଠାରେ ଚଢ଼ଉ କରାଯାଇ ୭ଟି ବାଲି ବୋଝେଇ ହାଇୱା ଓ ୨ଟି ପୋକଲିନ୍ ମେସିନ୍ ଜବତ କରିଥିଲା। ସଂପୃକ୍ତ ବାଲିମାଫିଆ ବିରୋଧରେ ୨କୋଟି ଟଙ୍କା ଜରିମାନା କରାଯାଇଥିଲା। ଏହି ଜରିମାନା ବର୍ତମାନ ସୁଦ୍ଧା ଅନାଦେୟ ରହିଛି। ଏହାସତ୍ୱେ ପୁଣି ଏଠାରୁ ୨୦ ହଜାର ଘନମିଟରରୁ ଅଧିକ ବାଲି ଲୁଟ୍ ହୋଇଯିବା ଘଟଣା ପ୍ରଶାସନର ସ୍ୱଚ୍ଛତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପୂର୍ବାହ୍ନରେ ମଙ୍ଗଳପୁର ପଂଚାୟତର ନୂଆକୁଳ, ମଙ୍ଗଳପୁର ଓ କୋଠଡିହ ଗ୍ରାମବାସୀ ବେଆଇନ ବାଲିଘାଟକୁ ବିରୋଧ କରିବା ଓ ବାଲି ବୋଝେଇ ହାଇୱାକୁ ଅଟକାଇଥିବା ଖବର ପାଇ ବ୍ରହ୍ମବରଦା ଫାଣ୍ଡି ପୁଲିସ୍ ଘଟଣାସ୍ଥଳରେ ପହଁଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲା। ଏ ସଂପର୍କରେ ପୁଲିସ୍ ଉଭୟ ଧର୍ମଶାଳା ଓ ରସୁଲପୁର ତହସିଲଦାରଙ୍କୁ ଅବଗତ କରାଇଥିଲେ। ଉକ୍ତ ବିବାଦର ସମାଧାନ ପାଇଁ ଦୁଇ ତହସିଲର ତହସିଲଦାରଙ୍କ ଉପସ୍ଥିତିରେ ଏରିଆ ମାପଚୁପ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀମାନେ ଆନ୍ଦୋଳନରୁ ଓହରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଫଟୋ ସଂଗ୍ରହରେ ବିରଳ ରେକର୍ଡ



ଭୁବନେଶ୍ୱର (ପିଏନ୍): ବାଳକାଟି ରଥଜେମା ଗ୍ରାମର ଶ୍ରୀ ଦିଲ୍ଲୀପ କୁମାର ସାହୁ ବାସ୍ତବରେ ଜଣେ ନିଆରା ସଂଗ୍ରାହକ ଓ ଜଣେ ନିଆରା ମଣିଷ ମଧ୍ୟ। ଖବରକାଗଜରୁ ଦେଶ ବା ରାଜ୍ୟର ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଫଟୋ ସବୁକୁ ସେ ନିୟମିତ ଭାବରେ ସଂଗ୍ରହର କରି ରଖିଥାନ୍ତି। ଆମ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କର ଅନେକ ଫଟୋକୁ ସେ ନିଜ ଫାଇଲ୍ରେ ସାଇତି କରି ରଖିଛନ୍ତି। ଅନେକ କ୍ରିକେଟ୍ ଖେଳାଳିଙ୍କ ଫଟୋକୁ ମଧ ସେ ସଂଗ୍ରହ କରି ରଖିଛନ୍ତି। ଆଜିକୁ ଦୀର୍ଘ ୨୦ ବର୍ଷ ତଳେ ସେ ଏହି ସଂଗ୍ରହ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ୨୦୦୧ ମସିହାରେ ସେବେଠାରୁ ଦୀର୍ଘ ୨୨ ବର୍ଷ ହେଲାଣି ଦିଲ୍ଲୀପ ଏହି ସଂଗ୍ରହ କାର୍ଯ୍ୟ କରୁଛନ୍ତି। ନିକଟରେ ସେ ଆମ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଦୁବାଇ ସାରେଜାସ୍ଥିତ, ବ୍ରାଭୋ ଇଣ୍ଟରନ୍ୟାସ୍ନାଲ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଯଦିଓ ଏହି ଆନ୍ତର୍ଜାତିକ ସ୍ତରରେ ରେକର୍ଡ ବୁକ୍ରେ ସ୍ଥାନ ପାଇବା ସହଜସାଧ ନୁହେଁ । ତଥାପି ଦିଲ୍ଲୀପଙ୍କ ନିଷ୍ଠାପର ଭାବରେ ନିରନ୍ତର ସଂଗ୍ରହ ଦ୍ୱାରା ଆମ ଦେଶର ପ୍ରଧାନମନ୍ତ୍ରୀଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଦିଲ୍ଲୀପ ଆନ୍ତର୍ଜାତିକ ସ୍ତରରେ ଏହି ରେକର୍ଡ କରିଛନ୍ତି। ଦିଲ୍ଲୀପ ମଧ ପ୍ରତ୍ୟେକ ଦିନ ନିଜର ସଂଗ୍ରହକୁ ସାମାଜିକ ଗଣମାଧମରେ ସେୟାର କରନ୍ତି। ଆମ ଦେଶର ନୂତନ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ ମଧ ଦିଲ୍ଲୀପଙ୍କ ସଂଗ୍ରହକୁ ଦିଲ୍ଲୀପଙ୍କ ଇନ୍ଷ୍ଟାଗ୍ରାମ ପେଜ୍ରେ ଲାଇକ୍ କରିଛନ୍ତି। ଦିଲ୍ଲୀପ ମଧ ଆହୁରି ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାରମାନେ ନିଜର ଏହି ସଂଗ୍ରହ କାର୍ଯ୍ୟ ଏବଂ କଳା ପାଇଁ ପାଇଛନ୍ତି। ନିକଟରେ ରାଷ୍ଟ୍ରୀୟ ପ୍ରେରଣା ଆୱାଡ-୨୦୨୨ ମଧ ଦିଲ୍ଲୀପ ପାଇଥିଲେ। ଦିଲ୍ଲୀପ ମଧ ୨୦୨୧ ମସିହାରେ ଆମ ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଇଣ୍ଡିଆ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଥିଲେ। ଦିଲ୍ଲୀପ ଅନେକ ପୁରସ୍କାର ମଧ ଲାଭ କରିଛନ୍ତି। ୨୦୨୧ ମସିହାରେ ଇଣ୍ଡିଆ ଷ୍ଟାର ଇଣ୍ଡିପେଣ୍ଡେଣ୍ଟ ଆୱାର୍ଡ, ଇଣ୍ଡିଆ ପ୍ରାଉଡ୍ ଆୱାର୍ଡ, ୨୦୨୨ ମସିହାରେ ଇଣ୍ଡିଆ ପ୍ରାଇମ୍ ଆୱାର୍ଡ ପାଇ ଚର୍ଚ୍ଚାରେ ଥିଲେ। ଦିଲ୍ଲୀପ ଜଣେ ଭଲ ଚିତ୍ରଶିଳ୍ପୀ। ଦିଲ୍ଲୀପଙ୍କ ଏହି କାର୍ଯ୍ୟ ପ୍ରଶଂସନୀୟ ଏବଂ ସମ୍ମାନାସ୍ପଦ ଅଟେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଅକ୍ଟୋବର ୨

# ମହାଳୟା

ଭାରତୀୟ ପରମ୍ପରାରେ ପିତୃପୁରୁଷଙ୍କ ସନ୍ତୁଷ୍ଟି ପାଇଁ ଏକାଧିକ ଶ୍ରାଦ୍ଧାନୁଷ୍ଠାନ କରାଯାଏ। ସେଗୁଡ଼ିକ ମଧ୍ୟରେ ମହାଳୟା ଶ୍ରାଦ୍ଧ ଶ୍ରେଷ୍ଠ। ମହାଳୟା ସର୍ବଭାରତୀୟ ପର୍ବ। ପିତୃଗଣଙ୍କ ଉଦ୍ଦେଶ୍ୟରେ ଦାନ ଓ ଉତ୍ସର୍ଗ ଆଦି ପାଳନ କରାଯାଉଥିବାରୁ ଏହାକୁ ପିତୃପର୍ବ କୁହାଯାଏ। ଭାଦ୍ରବ ମାସ କୃଷ୍ଣ ପକ୍ଷ ପ୍ରତିପଦା ଠାରୁ ପରବର୍ତ୍ତୀ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନ ହେଉଛି ପିତୃପକ୍ଷ। ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ତର୍ପଣ କଲା ପରେ ଅମାବାସ୍ୟା ଦିନ ପିଣ୍ଡ ଦାନ କରାଯାଏ। ସୂର୍ଯ୍ୟ କନ୍ୟା ରାଶିରେ ଥିବାବେଳେ ଯେଉଁ ଅମାବାସ୍ୟା ପଡେ ତାହା ମହାଳୟା ଅମାବାସ୍ୟା। ମହାଳୟା ଅମାବାସ୍ୟାରେ ଅନୁଷ୍ଠିତ ଶ୍ରାଦ୍ଧର ବିଭିନ୍ନ ନାମ ମହାଳୟା ଶ୍ରାଦ୍ଧ, ସାମ୍ବତ୍ସରିକ ଶ୍ରାଦ୍ଧ, ପାର୍ବଣ ଶ୍ରାଦ୍ଧ, ମଉଳା ଶ୍ରାଦ୍ଧ। ପିତୃ ପକ୍ଷରେ ଯେ କୌଣସି ଦିନ ନିଜର ସାଧ ମତେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଓ ବ୍ରାହ୍ମଣ ଭୋଜନ ଦିଆଯାଏ। ତାହା ଦ୍ୱାରା ପୁଣ୍ୟ ଲାଭ ଏବଂ ବଂଶର ଉତ୍ତର ପିଢ଼ିର ସମସ୍ତ ପ୍ରକାର ଉନ୍ନତି ହେଉଥିବା ହିନ୍ଦୁ ବିଶ୍ୱାସ। ପୁରାଣ ଅନୁଯାୟୀ, ମହାଦାନୀ କର୍ଣ୍ଣଙ୍କର ମୃତ୍ୟୁ ପରେ, ତାଙ୍କ ଦାତାପଣିଆର ପୁରସ୍କାର ସ୍ୱରୂପ ଯମପୁରରେ ତାଙ୍କୁ ସୁନା, ରୂପା ମିଳିଲା, କିନ୍ତୁ କିଛି ଖାଦ୍ୟ



ଗୋପୀନାଥ ଦାଶ

ଦିଆଗଲା ନାହିଁ। କାରଣ ଜୀବିତାବସ୍ଥାରେ ସେ କେବେ କୌଣସି ବ୍ୟକ୍ତିଙ୍କୁ ଅନ୍ନଦାନ ଦେଇ ନଥିଲେ। ସେ ଚିନ୍ତିତ ହୋଇ ଯମରାଜଙ୍କୁ ପ୍ରାର୍ଥନା କରିବାରୁ ତାଙ୍କୁ ଚଉଦ ଦିନ ପାଇଁ ମର୍ତ୍ତ୍ୟମଣ୍ଡଳକୁ ପଠାଯାଇଥିଲା। ସେହି ଚଉଦ ଦିନ ମଧ୍ୟରେ ସେ ବ୍ରାହ୍ମଣ ତଥା ଗରିବଙ୍କୁ ଅନ୍ନଦାନ ଦେଇଥିଲେ। ଫଳସ୍ୱରୂପ ତାଙ୍କୁ ଆଉ ଯମପୁରରେ ଅନ୍ନରୁ ବଞ୍ଚିତ ହେବାକୁ ପଡ଼ିନଥିଲା। ମର୍ତ୍ତ୍ୟଲୋକରେ କର୍ଣ୍ଣ କଟାଇଥିବା ସେହି ଚଉଦ ଦିନ ପିତୃପକ୍ଷ ଥିଲା।

*ସେଣ୍ଟ ଥୋମାସ ଇଂଲିଶ ସ୍କୁଲ,*
*ଝାରସୁଗୁଡ଼ା,*
*ଦୂରଭାଷ : ୮୮୯୫୨୯୬୧୬୭*

# ଲିଭି ଯାଉଛି ମହତାବ ଆଲୁଅ....

ହଜାର ବର୍ଷର ପରିଚୟ ଓ ପରମ୍ପରାକୁ ନେଇ କଟକ ସହରର ସୁଖ୍ୟାତି। ଭାଇଚାରା ଓ ପାର୍ବଣରେ ପୁରାତନ ସମୟର ପ୍ରାଚୀନ କଳାକୌଶଳ ବ୍ୟବସ୍ଥାର ଆଦର ଥିବା ଜାଗାଟି ହେଉଛି ଆମ କଟକ ସହର। କଟକୀ ପୂଜା ପରମ୍ପରାରେ ମହତାବ ଆଲୁଅର ବ୍ୟବହାର ଢ଼େର ଦିନ ପୂର୍ବରୁ। ପରେ ପରେ ଏହା ଏକ ପରମ୍ପରାର ରୂପ ନେବା ପରେ ପ୍ରାୟତଃ କଟକର ସବୁ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ମେଲଣ ହେଉ ବା ଭସାଣୀ ଏହି ମହତାବ ଆଲୁଅର ବ୍ୟବହାର କିନ୍ତୁ କମ୍ ଲୋକପ୍ରିୟତା ସାଉଁଟି ନାହିଁ। କଟକ ସହରରେ ପାଳିତ ହେଉଥିବା ଦୀର୍ଘ ଦଶନ୍ଧି ସମୟର ଦୁର୍ଗାପୂଜା ହେଉ ବା ଗଣେଶ ମେଲଣ, କାଳୀପୂଜା ହେଉ ବା କା ର୍ତ୍ତିକେଶ୍ୱର ସବୁଠି ମେଲଣ ଆଉ ମେଲାଣୀରେ ମହତାବର ଝିଲିମିଲି ଆଲୁଅ ସମସ୍ତଙ୍କୁ ବିମୋହିତ କରିଥାଏ। କହିବାକୁଗଲେ ଏହି ମହତାବ ଆଲୁଅର ପ୍ରଚଳନ ଆଉ ଜନ୍ମଜାତକ ସମ୍ବନ୍ଧରେ ସେପରି କିଛି ଖାସ ବା ପାରମ୍ପରିକ ଇତିହାସର ତଥ୍ୟ କେଉଁଠି ଲେଖା ହୋଇନି। କିନ୍ତୁ କେଜାଣି କାହିଁକି ହଜାର ବର୍ଷର ପରିଚୟର ଗର୍ବିତ ଆଉ ସମୃଦ୍ଧ ଏହି କଟକ ସହରରେ ମହତାବ ଆଲୁଅକୁ ନେଇ ଲୋକମୁଖରେ ଭେଳିକି ଭେଳିକି ଲୋକକଥା ଶୁଣାଶୁଣି ହୁଏ। କେହି କେହି କୁହନ୍ତି ଏହା ମୋଗଲ ସାମ୍ରାଜ୍ୟ ସମୟରୁ ଆସିଛି। ଆଉ କେହି କେହି ବାବରଙ୍କ ଶାସନ ପରମ୍ପରା ଅମଳର ବୋଲି କୁହନ୍ତି। କିନ୍ତୁ ସେଭଳି କିଛି ଐତିହାସିକ ବା ସାଂସ୍କୃତିକ ଲିପିବଦ୍ଧ ହୋଇଥିବା କୌଣସି ପ୍ରମାଣ ନାହିଁ। କଟକର ଅନେକ ସାହିର ପୁରୁଖା ମୁରବୀମାନେ କୁହନ୍ତି ଯେ ସେମାନେ ତାଙ୍କ ଗୋସାଇଁ ବାପା ବା ଅଜାଙ୍କ ଅମଳରୁ ଶୁଣି ଆସିଛନ୍ତି ବା ଦେଖିଆସିଛନ୍ତି କିନ୍ତୁ ଗୋଟିଏ କଥାରେ ସମସ୍ତେ ହିଁ ଏକ ମତ ତାହା ହେଉଛି ଏହି ପାର୍ବଣ ସମୟରୁ ହିଁ ମହତାବ ଆଲୁଅର ସୃଷ୍ଟି। ଦିନ ଥିଲା କଟକୀ ମେଢ଼ ବୋଇଲେ ମା'ଙ୍କ ବିସର୍ଜନ ପର୍ବରେ ନାଲି ମୋହରମ ରାସ୍ତା ଉପରେ ଶୋଭାଯାତ୍ରା କିନ୍ତୁ ବେଶ ଜାକଜମକ ରୂପ ନେଉଥିଲା। କିନ୍ତୁ କିଛି ପୁରୁଣା ସମୟର କଟକୀଆଙ୍କ କହିବାନୁଯାୟୀ ମହତାବ ଆଲୁଅ ହେଉଛି ଏକତା, ଭାଇଚାରା ଓ କଟକୀ ଖାନ୍‌ଦାନୀର ଏକ ଅନବଦ୍ୟ ପାରମ୍ପରିକ ଅଂଶବିଶେଷ। ସେ ସମୟର ମେଲଣ ପଡ଼ିଆରେ ଦୁଇ ସାମ୍ନା ସାମ୍ନି ଶୋଭଯାତ୍ରାକାରୀମାନେ ମହତାବ ଆଲଅ ଦେଖାଇ ଏକ ପ୍ରକାର ଶ୍ରେଷ୍ଠତାର ପ୍ରଦର୍ଶନ କରୁଥିଲେ। ନିଜ ସହ ଆଣିଥିବା ମହତାବକୁ ବିଧିବଦ୍ଧ ଭାବେ ତା'ପାଇଁ ତିଆରି ହୋଇଥିବା ଷ୍ଟାଣ୍ଡରେ ରଖି ଆକାଶ ମୁହାଁ କରିଥାନ୍ତି। ସେ ସମୟରେ ସହରର ବଡ଼ ବଡ଼ ଛକ କୁହାଯାଉଥିବା ଚୌଧୁରୀ ବଜାର, ବାଲୁବଜାର, ଚାନ୍ଦିନୀଚୌକ, ମଙ୍ଗଳାବାଗ, ଗୌରୀଶଙ୍କର ପାର୍କ ପରି ସ୍ଥାନରେ ପ୍ରଦର୍ଶିତ ହେଉଥିବା ମହତାବ ଆଲୁଅ ଅତ୍ୟନ୍ତ ଆକର୍ଷଣୀୟ ଓ ମନମୁଗ୍ଧକର। ତେବେ ସାହି କମିଟିର କେତେକ ମୁରବୀ ଯାହା କୁହନ୍ତି ତାଙ୍କ କଥାନୁଯାୟୀ ଆଗରୁ ମା'ଦୁର୍ଗାଙ୍କ ମେଢ଼ ଦିନରେ ବିସର୍ଜିତ ହେଉଥିଲା କିନ୍ତୁ କାଳୀ ମେଢ଼ ପ୍ରଥମରୁ ହିଁ ରାତିରେ ବିସର୍ଜନ ହେବାର ପରମ୍ପରା ରହିଛି। ସେ ସମୟରେ ଲୋକବାକ ରୁଣ୍ଡ ହେଉଥିବା ଚାନ୍ଦିନୀଚୌକ ଆଉ ଗୌରୀଶଙ୍କର ପାର୍କ ପରି ବଡ଼ ବଡ଼ ପ୍ରଶସ୍ତ ଯାଗାରେ ଏହି ମନମୁଗ୍ଧକର ମହତାବ ଆଲୁଅର ଭାରି ପ୍ରିୟତା ଥିଲା। ଅନେକ ହୁଏତ ଜାଣି ନଥିବେ ସେ ସମୟର କଟକୀ ମେଢ଼ ପରମ୍ପରାରେ ଯେଉଁ ସାହି ଅଧିକ ପରିମାଣର ଓ ଆକର୍ଷଣୀୟ ମହତାବ ଆଲୁଅ ଆଣିଥାନ୍ତି ଏହା ତାଙ୍କ ଖାତିରଦାରକୁ ବେଶ ବଢ଼ାଇଥାଏ।



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଅନେକ ବୟସ୍କ ତଥା କଳାନିପୁଣ ସମ୍ପନ୍ନ ବ୍ୟକ୍ତିମାନେ ନିଜ ହାତରେ ମହତାବ ତିଆରି କରନ୍ତି ନିଜ ସାହିର ମେଢ଼ ପାଇଁ। ଯେପରି ମଙ୍ଗଳାବାଗ ପୁରାତନ ସମୟରୁ ରୂପେଲି ଜରି କରିବା ସହ ନୀଳରଙ୍ଗର ମହତାବ ଆଲୁଅର ପ୍ରଦର୍ଶନ କରୁଥିଲେ। କିନ୍ତୁ ୧୯୫୦ ମସିହାରେ ଏହି କମିଟି ପକ୍ଷରୁ ସୁନେଲି ଜରି ମେଢ଼ର ପରମ୍ପରା ଆରମ୍ଭ ହୋଇଥିଲା। ମହତାବ ଆଲୁଅ କଟକୀ ମେଢ଼ ଭସାଣୀର ଏକ ପାରମ୍ପରିକ ଅଂଶବିଶେଷ। ତେବେ ପ୍ରଶାସନିକ କଟକଣା ରହିଲେ ଏହାର ପ୍ରଚଳନ ବନ୍ଦ ହୋଇଥାଏ।

ଅନେକ ହୁଏତ ଜାଣିନଥିବେ ଯେ ଏହି ମହତାବ ଆଲୁଅଟି କ'ଣ ? ତା' ବିଷୟରେ ଦୁଇଧାଡ଼ି ଲେଖୁଛି। ସାଧାରଣତଃ ଲୋକମାନେ ମହତାବକୁ ଏକ ରଞ୍ଜକ ବୋଲି ଭାବନ୍ତି କିନ୍ତୁ ବାସ୍ତବରେ ଏହା ରଞ୍ଜକ ନୁହେଁ। ଏହା ପାଇଁ ନାନା ଜିନିଷର ଦରକାର ପଡ଼ିଥାଏ। ଯାହାକୁ ଏହାକୁ ତିଆରି କରୁଥିବା ବାଲା କୁହନ୍ତି ମସଲା। ଲାଖ, ଗନ୍ଧକ, ସୁରା, ଫସଫରସ, ଅରଖଗଛର କୋଇଲା ଓ ଏକ ପ୍ରକାର ଝୁରୁଝୁରି ତା ସହିତ ନିର୍ଦ୍ଦିଷ୍ଟ ଭାଗମାପ ଓ ପ୍ରସ୍ତୁତି ପ୍ରଣାଳୀ ବି ରହିଛି। କାରଣ ଟିକିଏ ପ୍ରସ୍ତୁତିର ମାତ୍ରା ଏପଟ ସେପଟ ହୋଇଗଲେ ଦୁର୍ଘଟଣା ବଡ଼ ସମ୍ଭାବନା ଥାଏ। ଅତୀତରେ ଏହାର ନଜିର ଅନେକ ଅଛି। ସେହିପରି ପଟାସ୍ ଏହି ପ୍ରସ୍ତୁତିରେ ମୁଖ୍ୟ ଦାୟିତ୍ୱ ତୁଲାଇଥାଏ। କିନ୍ତୁ ମହତାବ ଆଲୁଅର ସାଜ ସରଞ୍ଜାମ କେହି କେହି ପଶ୍ଚିମବଙ୍ଗରୁ ଆମଦାନୀ ହଉଥିବାବେଳେ ଅଧିକାଂଶଙ୍କ ମତ ହେଉଛି ଏହା ପାଇଁ କଟକରେ ସବୁ ସାରଞ୍ଜାମ ରହିଛି। ମହତାବ ଆଲୁଅ କୁହାଯାଉଥିବା ଜିନିଷଟି ଲୋକମୁଖରେ ତା' ନାଁ ନିଆଁ ବନାଟୀ। ତେବେ ବର୍ତ୍ତମାନ ସେ ସମୟର ମହତାବ ଆଲୁଅର ଖୋଜାଲୋଡ଼ା ଏକ ପ୍ରକାର ଫିକା ପଡ଼ିଗଲାଣି। ଦଶହରା ଭସାଣୀରେ କ୍ୱଚିତ ଏହାକୁ ଦେଖିବାକୁ ମିଳୁଛି। ବର୍ତ୍ତମାନ ଇଲେକ୍ଟ୍ରିର ରଙ୍ଗୀନ ଆଲୁଅ ଏକ ପ୍ରକାର ମହତାବ ଆଲୁଅର ସ୍ଥାନ ନେଇଛି କୁହାଯାଉଥିବାବେଳେ କିନ୍ତୁ ସେ ସମୟର ମହତାବ ଆଲୁଅର କୌଣସି ବିକଳ୍ପ ହିଁ ନାହିଁ। କଟକ ଦଶହରାର ଇତିହାସ ଓ ଜନ୍ମକୁଣ୍ଡଳୀକୁ ବେଶ ମନେରଖିଥିବା କିଛି ପୁରୁଖା ବାସିନ୍ଦାଙ୍କ ମତ ଅନୁଯାୟୀ ଆଗ କାଳରେ ଧଳା ମହତାବର ବେଶ ବ୍ୟବହାର ହେଉଥିଲା ପରେ ଯଦିଓ ରୂପେଲିର ଝିଲିମିଲି କଳାକୌଶଳ ଲୋକଙ୍କ ପାଇଁ ମୁଗ୍ଧକର ହେଲା। କିନ୍ତୁ ଯେତେ ଯାହାହେଲେ ବି ରୂପେଲି ଜରି ମେଢ଼ର ଧଳା ମହତାବର ଆକର୍ଷଣୀୟ ଚମକ କିନ୍ତୁ ଆଉ ନାହିଁ। ସର୍ବପ୍ରଥମେ ବ୍ୟବହାର ହେଉଥିବା ସେ ସମୟର ମଙ୍ଗଳାବାଗ ମେଢ଼ର ଲାଲ ମହତାବର ଏକ ସ୍ୱତନ୍ତ୍ରତା ରହିଥିଲା। ସ୍ୱାଧୀନତା ପୂର୍ବରୁ କଟକୀ ପରମ୍ପରାରେ ଏହାର ସ୍ଥାନ ବେଶ ସୁଦୃଢ଼ ଥିଲା। ବର୍ତ୍ତମାନ ବି କଟକର କଳୀଗଳି, ବାଲୁବଜାର ପରି ଜାଗାରେ କିଛି ଲୋକ ଏହି ମହତାବ ଆଲୁଅ ତିଆରିକୁ ଏକ ପ୍ରକାର ଜୀବନ ଜୀବିକା ଭାବେ ଆଦରି ନେଇଛନ୍ତି। କିନ୍ତୁ ଆଜିର ଆଲୁଅର ଚକମକ ଯୁଗରେ ସେହି ମହତାବ ବା ନିଆଁ ବନାଟୀ ଆଉ ସେପରି ଦେଖିବାକୁ ମିଳୁନି। କେହି କେହି ସାହି ମଣ୍ଡପର ଦୁର୍ଗାମେଢ଼ ବା ହରପାର୍ବତୀଙ୍କ ମେଢ଼ରେ ମହତାବ ଆଲୁଅର ଧୂଆଁ କିଛିକାଂଶରେ ପ୍ରଦୂଷିତ କରିବା ସହ ମୂର୍ତ୍ତି ଏକ ପ୍ରକାର କଳା ପଡ଼ିଯାଉଛି। ମହତାବ ଆଲୁଅ ନିଶ୍ଚିନ୍ତ ଭାବରେ ଏକ କଟକୀ ପରମ୍ପରା, ସଂସ୍କୃତି ଓ ଆଧ୍ୟାତ୍ମିକ ଭାବନାର ପ୍ରତୀକ। ଆଜିକାଲିକା ସମୟରେ ଯେତେ ପ୍ରକାର ଇଞ୍ଜିନିୟରିଂ ବିଦ୍ୟା ହେଉ ବା କମ୍ପ୍ୟୁଟର ବିଦ୍ୟା, ମହତାବ ଆଲୁଅର ବିକଳ୍ପ କୌଣସି ଚକମକ କରୁଥିବା ବିଜୁଳିବତୀର ସମକକ୍ଷ ନୁହେଁ। ଆଉ ଆଜିକାଲିକା ଯେଉଁ ଭସାଣୀ ହେଉଛି ତା'ସହ ପ୍ରଶାସନିକ ତତ୍ପରତା ଯୋଗୁଁ ଏହି ମହତାବ ଆଲୁଅକୁ ଅନେକାଂଶରେ ବନ୍ଦ କରିଦିଆଯାଇଛି। ଏହାର ବଡ଼ କାରଣ ହେଉଛି ଅତ୍ୟନ୍ତ ଅହିତକାରକ ଓ ବିଷାକ୍ତ ଧୂଆଁର କୁଣ୍ଡଳୀ ସୃଷ୍ଟି ହୋଇଥାଏ ଯାହାଦ୍ୱାରା ପରିବେଶ ପ୍ରଦୂଷଣ ହୋଇଥାଏ। ଦ୍ୱିତୀୟତଃ ବେଳେ ବେଳେ ଭସାଣୀ ସମୟରେ ବର୍ଷା ବିପ୍ରାଉ ଦେଖାଦେଲେ ଏହି ମହତାବ ଆଲୁଅ ଲିଭି ଯିବାର ସମ୍ଭାବନା ଥାଏ। ଓଡ଼ିଆ ଜାତି ନିଜ ସଂସ୍କୃତି, ପରମ୍ପରା, ଚାଲିଚଳନ ଓ ଆଦବକାଇଦାକୁ ଭୁଲୁ ନଥିବାବେଳେ ପରମ୍ପରାର ମହତାବ ଆଲୁଅ ଏବେ ବି ଖୋଜା ପଡୁଛି।

*କଟିକଟା, ମଙ୍ଗଳପୁର, ଯାଜପୁର,*
*ଦୂରଭାଷ : ୯୪୩୮୨୭୬୭୬୦*

# ପାର୍ବଣରେ ଶିଶୁଙ୍କ ପାଇଁ ସତର୍କତା

ଜଗତଜ୍ଜନନୀ ମା'ଦୁର୍ଗା ଧରାପୃଷ୍ଠକୁ ଓହ୍ଲାଇଛନ୍ତି । ଚାରିଆଡ଼େ ପାର୍ବଣର ଭିଡ଼ । ସବୁଠି ଗହଳି । ମିଠା ଦୋକାନ ଠାରୁ ଶାଢ଼ୀ ଦୋକାନ, ବହି ଦୋକାନ ଠାରୁ ଘରୋଇ ଜିନିଷ କିଣିବା ପାଇଁ ସବୁଠି ଭିଡ଼ । ତେବେ ପାର୍ବଣ ଖୁସି ଭିତରେ ପିଲାମାନଙ୍କ ପାଇଁ ଅନେକ ସତର୍କତା ରହିଛି । ଏହାକୁ ମାନିବା ବାଞ୍ଛନୀୟ । ପାର୍ବଣରେ ପିଲାଟି ଖୁସି ରହୁ ଏହା ସମସ୍ତେ ଚାହାଁନ୍ତି କିନ୍ତୁ ଏହି ଖୁସି ପଛର ପରବର୍ତ୍ତୀ ଦୁଃଖଦ କାହାଣୀ ପାଇଁ କେହି ପ୍ରସ୍ତୁତ ନଥାନ୍ତି । ପାର୍ବଣରେ ଘରେ ଘରେ ଭୋଜିଭାତ, ପିଠା, ମିଠା ଓ ଖାଇବାର ସମ୍ଭାର । କେବଳ ଘରେ ନୁହେଁ ବନ୍ଧୁଘର ଠାରୁ ପଡ଼ୋଶୀ ଘର ସବୁଠି ସ୍ନେହ ଆଦରରେ ପିଲାମାନଙ୍କ ପାଇଁ ସମସ୍ତେ ଖାଦ୍ୟ ଜିନିଷ ପ୍ରାୟତଃ କିଣି ଦିଅନ୍ତି । ଏ କ୍ଷେତ୍ରରେ ମନେରଖନ୍ତୁ ଯେ ପିଲାର ହଜମ ଶକ୍ତି ଠାରୁ ଅଧିକ ଖାଦ୍ୟ ଦେଲେ ତାହା ପିଲା ପାଇଁ କ୍ଷତିକାରକ । ବଜାରର ରଙ୍ଗ ବେରଙ୍ଗୀ ଖାଦ୍ୟ, ଥଣ୍ଡା ଖାଦ୍ୟ, ଦାମୀ ଚକୋଲେଟ ଓ ତଥାକଥିତ ଫାଷ୍ଟଫୁଡ୍ ପିଲାଟି ପାଇଁ ବିପଦଜ୍ଜନକ ହୋଇପଡ଼େ । ସ୍ନେହ ସରାଗରେ ପିଲାଟିକୁ ଖୋଇଦେଲା ପରେ ସ୍ୱାସ୍ଥ୍ୟକଥା ପ୍ରାୟ କେହି ଚିନ୍ତା କରିନଥାନ୍ତି । ବର୍ତ୍ତମାନ ସହଜେ ବନ୍ୟା ପାଣିର ପ୍ରକୋପ ଯାହା ପେଟ ଖରାପ ସହ ପତଳା ଝାଡ଼ା କିମ୍ବା ଡାଇରିଆର ସମ୍ଭାବନା ବି ସୃଷ୍ଟି ହୋଇପାରେ । ସେହିପରି ଦିନକୁ ଦିନ ଶବ୍ଦ ପ୍ରଦୂଷଣ ବଢ଼ିବାରେ ଲାଗିଛି । ସହର ବଜାର ଚାରିଆଡ଼େ ସାଉଣ୍ଡବକ୍ସର ଗର୍ଜନ ଓ ବିଭିନ୍ନ ବାଜାର ଉଦଣ୍ଡ ଶବ୍ଦ ପିଲାଟି ପାଇଁ ଶ୍ରୁତିକଟୁ ହୋଇଥାଏ । ଦିନ ଦିନ ଧରି ବାଜାର ଗୁରୁଗର୍ଜନ ପିଲାଟିର କାନକୁ ପ୍ରଭାବିତ କରିଥାଏ । ପରବର୍ତ୍ତୀ ସମୟରେ ଏହା କାନ ପାଇଁ ବଡ଼ ଯନ୍ତ୍ରଣାଦାୟକ ରୋଗକୁ ଡାକି ଆଣିଥାଏ ।

ପାର୍ବଣରେ ପିଲାମାନଙ୍କର ନିୟମିତ ଖାଇବା ପିଇବାକୁ ନେଇ ସେପରି କେହି ଚିନ୍ତିତ ନଥାନ୍ତି । କିନ୍ତୁ ବଡ଼କଥା ହେଉଛି ଏହି ସମୟରେ ସ୍କୁଲ ଛୁଟି ଥିବାରୁ ପିଲାମାନେ ପ୍ରାୟତଃ ଘରେ ରହିଥାନ୍ତି । ତେଣୁ ଛୁଟି ନାମରେ ପିଲାମାନଙ୍କର ଖାଇବା ଓ ବିଶ୍ରାମକୁ ଅବହେଳା କରିବା କଥା ନୁହେଁ । ଦେଖାଯାଉଛି ପୂଜାରେ ସରପ୍ରାଇଜ୍ ଗିଫ୍ଟ ନାମରେ ପିଲାମାନଙ୍କୁ ମୋବାଇଲ ଫୋନ୍ ଓ ଆଇପଡ୍ ଦିଆଯାଉଛି । ବାସ୍ତବରେ କମ୍ ବୟସର ପିଲାମାନଙ୍କ ପାଇଁ ମୋବାଇଲ୍ ଫୋନ ହେଉ ବା ଆଇପଡ୍ କ୍ଷତିକାରକ । ଏହା ପିଲାମାନଙ୍କ ବୋଧଶକ୍ତି, ସୃଜନଶୀଳତା ଓ ବୌଦ୍ଧିକତାକୁ କ୍ଷତବିକ୍ଷତ କରିବାର ସମ୍ଭାବନା ରହିଥାଏ । ସେହିପରି ବଜାରରେ ମେଢ଼ ବୁଲି କିମ୍ବା ମେଲୋଡ଼ି ଦେଖି ବିଳମ୍ବରେ ପ୍ରାୟତଃ କିଛି ପିଲାମାନେ ଶୋଇଥାନ୍ତି । ପ୍ରକୃତରେ ଏହା ସ୍ୱାସ୍ଥ୍ୟପାଇଁ ବହୁତ ବିପଦଜନକ । କାରଣ ନିର୍ଦ୍ଧାରିତ ସମୟରେ ଶୋଇବା ପିଲାଟି ପାଇଁ ଅତ୍ୟନ୍ତ ସ୍ୱାସ୍ଥ୍ୟପ୍ରଦାୟକ । ବନ୍ଧୁବାନ୍ଧବ କିମ୍ବା ପଡ଼ୋଶୀ ପିଲାମାନଙ୍କ ସହିତ ପିଲାଟି ଖେଳବୁଲା କରିଥାଏ । ଏହି ସମୟରେ ପିଲାଟି ଭିତରେ ସମସ୍ତଙ୍କୁ ଭଲ ପାଇବା, ସମସ୍ତଙ୍କୁ ସାହାଯ୍ୟ କରିବା, ମହତ୍ ଗୁଣ ଶିକ୍ଷା ଦିଅନ୍ତି । ଗେଲରେ



ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ହେଉ ବା ଜିଦ୍‌ରେ ପିଲା ବୟସରେ ଝଗଡ଼ାଝାଟି ପ୍ରାୟତଃ ଦେଖିବାକୁ ମିଳିଥାଏ । ଏ ସବୁର ଗୁରୁ ଦାୟିତ୍ୱ ବାପମା ଓ ପରିବାରର ସମସ୍ତ ବଡ଼ ଲୋକମାନଙ୍କର । ପୂଜା ସମୟରେ ପିଲାମାନଙ୍କୁ ପକେଟମନି ଭାବରେ ଅଧିକ ପଇସା ଦିଅନ୍ତୁ ନାହିଁ । ବରଂ ସେ କ'ଣ ଚାହୁଁଛି ତାହା ଆପଣ ବିଚାର କରି କିଛି କିଣି ପାରନ୍ତି । କାରଣ ଅତ୍ୟଧିକ ଓ ଖୋଲା ହାତର ପକେଟ୍‌ମନି ପିଲାମାନଙ୍କୁ ବିପଥଗାମୀ କରିବାର ସମ୍ଭାବନା ରହିଥାଏ । ପିଲାଟି ବାହାରକୁ ଯାଉଥିଲେ ବି କେଉଁଠି ଯାଉଛି ଓ କାହା ପାଖକୁ ଯାଉଛି ସବିଶେଷ ବୁଝନ୍ତୁ । କେବଳ ସେତିକି ନୁହେଁ ସେ ସମ୍ବନ୍ଧରେ ସମସ୍ତ ତଥ୍ୟ ରଖନ୍ତୁ । ପିଲାମାନଙ୍କୁ ଦଶହରା ସମୟରେ ସେମାନଙ୍କର ଗରିବ ସାଙ୍ଗସାଥୀ କିମ୍ବା ବଜାରଘାଟରେ ବୁଲୁଥିବା ଅସହାୟ ଅପରିଚିତ ନାରାୟଣରୂପୀ ଗରିବ ଲୋକଙ୍କୁ ସାହାଯ୍ୟ କରିବାର ପରୋପକାର ଗୁଣ ଶିକ୍ଷା ଦିଅନ୍ତୁ । ଭସାଣୀ ସମୟରେ ପିଲାମାନେ ମେଢ଼ ସହିତ ଯିବାପାଇଁ ପ୍ରାୟତଃ ମନବଳାଇ ଥାନ୍ତି । ତେବେ ଏହି ସମୟରେ ଅପ୍ରିତିକର ପରିସ୍ଥିତ ଓ ପ୍ରବଳ ଭିଡ଼ ରହୁଥିବାରୁ ଦଳାଚକଟା ଠାରୁ ଅସମାଜିକ ଲୋକଙ୍କ ଦ୍ୱାରା ଗଣ୍ଡଗୋଳର ଭୟ ବି ରହିଥାଏ । ତେବେ ସବୁଠି ଯେ ଗଣ୍ଡଗୋଳର ବା ଦଳାଚକଟାର ଭିଡ଼ ରହିଥାଏ ତାହା କୁହାଯାଉନାହିଁ କିନ୍ତୁ ଏ କ୍ଷେତ୍ରରେ ସତର୍କତା ଜରୁରୀ । ନଦୀ ବା ଜଳାଶୟରେ ମା'ଙ୍କ ବିସର୍ଜନ ବେଳେ ପିଲାମାନେ ନଦୀକୁ ଯାଇଛନ୍ତି । ପିଲାଟି ପହଁରା ଶିକ୍ଷା ପାଇଛି କି ନାହିଁ ତାହା ଆପଣମାନେ ଜାଣିଛନ୍ତି କି ? ଅନ୍ୟଗୋଟିଏ କଥା ହେଉଛି ନଦୀ ଜଳରେ ମା'ଆଙ୍କ ମୂର୍ତ୍ତିରେ ଦିଆଯାଇଥିବା ବିଷାକ୍ତ ରଙ୍ଗ ସମଗ୍ର ଜଳରାଶିକୁ ପ୍ରଦୂଷିତ କରୁଥାଏ । ଏହାର ସଂସ୍ପର୍ଶରେ ପିଲାଟି ଆସିଲେ ପରବର୍ତ୍ତୀ ସମୟରେ ଚର୍ମରୋଗର ଶିକାର ହୋଇଥାଏ । ପିଲାମାନଙ୍କୁ ସେହି ଦୂଷିତ ରଙ୍ଗ ଜଳରାଶିର ସଂସ୍ପର୍ଶରେ ନ ଆସିବା ପାଇଁ ଦୃଷ୍ଟି ରଖନ୍ତୁ । ପାର୍ବଣରେ ସମସ୍ତେ ଖୁସି ମନାଉଥିବାବେଳେ ଆମ୍ଭମାନଙ୍କ ହାତ ପାଖରେ ମୁଠାଏ ଖାଇବା ପାଇଁ ପାଣି ମୁନ୍ଦାଏ ପିଇବା ପାଇଁ ବହୁତ ନିରାଶ୍ରୟ ଦେବଶିଶୁପରି ଅସହାୟ ପିଲାମାନେ ରହିଥାନ୍ତି । ସେମାନଙ୍କ ପାଇଁ ଆମ୍ଭମାନଙ୍କର ଦାୟିତ୍ୱବୋଧତା ସମ୍ପର୍କରେ ପିଲାଟିକୁ ଏ ବୟସରୁ ଶିକ୍ଷା ଦିଅନ୍ତୁ । ପାର୍ବଣରେ ସମସ୍ତଙ୍କ ସହ ଖୁସି, ସୁଖ ଓ ଭଲପାଇବା ବାଣ୍ଟି ପାରିବାର ମହାମନ୍ତ୍ର ପିଲାଟିକୁ ଆପଣମାନେ ହିଁ ଶିକ୍ଷା ଦେଇପାରିବେ । ଦେଖିବେ ଆପଣଙ୍କ ପିଲାଟି ମା'ଆଙ୍କ କୃପା ପାଇବା ସହ ଏକ ଦିବ୍ୟ ପଥର କୁନି ପଥିକ ହୋଇପାରିବ ।

*ପ୍ରଫେସର ଓ ବିଭାଗୀୟ ମୁଖ୍ୟ,*
*ଶିଶୁରୋଗ ବିଭାଗ,*
*ଫକୀରମୋହନ ମେଡ଼ିକାଲ କଲେଜ,*
*ବାଲେଶ୍ୱର*

# ସମୟ ସୁଅରେ କଟକୀ ଦଶହରା

କଟକକୁ ନେଇ ଦଶହରାର ପରିଚୟ । ହଜାରେ ବର୍ଷର ଭାଇଚାରର ସହର କଟକରେ ବାସ୍ତବରେ ଦଶହରା ଏକ ମହାପାର୍ବଣରେ ବରଂ ଏକ ଗଣପର୍ବର ମାନ୍ୟତା ପାଇଛି । ବାଉନ ବଜାର ତେପନ ଗଳିରେ ସରକାରୀ ସ୍ୱୀକୃତିରେ ୩୨ଟି ସଂପୂର୍ଣ୍ଣ ଚାନ୍ଦି ମେଢ଼, ୧୦ଟି ମେଢ଼ରେ ସୁନାର ସାଜସଜ୍ଜା, ଗୋଟିଏ ସଂପୂର୍ଣ୍ଣ କାଚ ଓ ଗୋଟିଏ ସଂପୂର୍ଣ୍ଣ ପିତଳ ମେଢ଼ ଆକର୍ଷଣୀୟ ମା'ଙ୍କ ବିଗ୍ରହକୁ ଦେଖିଲେ ୧୭୦ଟି ସ୍ୱୀକୃତି ପ୍ରାପ୍ତ ମଣ୍ଡପ ସହ ଘରୋଇ ମେଢ଼କୁ ମିଶାଇଲେ ଏହା ୧୮୦ରେ ଚଳିତ ବର୍ଷ ପହଞ୍ଚିଛି। କେବଳ ସେତିକି ନୁହେଁ ଚଳିତ ବର୍ଷ ମା'ଦେବୀ ଦୁର୍ଗାଙ୍କ ବିଭିନ୍ନ ମଣ୍ଡପ ପାଇଁ ୧୧୦ କ୍ୱିଣ୍ଟାଲରୁ ଅଧିକ ରୂପା, ୫୭ କିଲୋରୁ ଅଧିକ ସୁନା ବ୍ୟବହାର ହୋଇଛି। ସୂଚନାଥାଉକି ୧୯୫୬ରେ ଚୌଧୁରୀ ବଜାର ପୂଜା କମିଟି କର୍ମକର୍ତ୍ତାମାନେ ପ୍ରଥମ ଚାନ୍ଦିମେଢ଼ର ପ୍ରସ୍ତୁତି କରିବା ପରେ ଦ୍ୱିତୀୟ ଚାନ୍ଦିମେଢ଼ ଶେଖ ବଜାରରେ ପ୍ରସ୍ତୁତ ହୋଇଥିଲା ୧୯୯୧ରେ। ଚଳିତ ବର୍ଷ ସାମଗ୍ରୀକ ଭାବେ ଦେଖିଲେ ୧୦୦କୋଟିରୁ ଅଧିକ ଟଙ୍କାର ସୁନା ଓ ରୂପା କାର୍ଯ୍ୟକାରୀ ହୋଇଛି। ଦଶହରା ହେଲେ କଟକ ପୁରିଯାଏ । ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରା ପରି ସହର ସାରା କାହିଁ କେତେ କୁଆଡ଼ୁ ଲୋକ ଭିଡ଼ି ଆସନ୍ତି । ଦଶହରା ବୋଇଲେ କଟକିଆଙ୍କ ନିଜସ୍ୱ ପାର୍ବଣ ଘରେ କୁଣିଆଁ ମଇତ୍ର ବନ୍ଧୁବାନ୍ଧବ ଠାରୁ ଝିଅଝିଆଣୀ ସମସ୍ତଙ୍କ ଭିଡ଼ । ଝିଅ ବିବାହ ହୋଇଥିଲେ



ଡକ୍ଟର ରାଜକିଶୋର ମିଶ୍ର

ଦଶହରା ହୁଏ ତାର ପ୍ରଥମ ବାପଘର ବୁଲାର ପର୍ବ । ଅବଶ୍ୟ ପଛକୁ ବାଲିଯାତ୍ରା ବି ରହିଛି । ପିଲାଦିନେ ଯାହା ଶୁଣିଛି ଦଶହରା ବୋଇଲେ ଥିଲା କଟକ ଭିତରେ ବିଭିନ୍ନ ନାଲି ମହରମ ରାସ୍ତାର ଲଣ୍ଠନ ଟଙ୍ଗା ସମୟର ମୁହୂର୍ତ୍ତ । ସେ ସମୟରେ ଆଧ୍ୟାତ୍ମିକ ଚେତନା ଓ ନିଷ୍ଠା ଥିଲା ବଡ଼କଥା ଯାକଜମକ ପ୍ରାୟତଃ ହିଁ ନଥିଲା । ଅସ୍ଥାୟୀ ଘରେ ମା'ଙ୍କ ପୂଜା ହେଉଥିଲା । ବାହାର ଲୋକଙ୍କ ଆଗମନ ଓ ବସତି ସ୍ଥାପନ ପରେ ସହଯୋଗର ହାତ ବଢ଼ିଲା ତାହାସହିତ ଜାକଜମକ ବି । ସେତେବେଳେ ତ ମହାନଦୀ ପୋଲ ହୋଇନଥିଲା ଜଗତ୍‌ପୁରରେ ବସ ଅଟକୁଥିଲା । ଆଖପାଖର ଲୋକ ମହାନଦୀ ରେଲପୋଲ ଦେଇ ନହେଲେ ଡଙ୍ଗାରେ ଦଶହରା ଦେଖିବାକୁ ଆସୁଥିଲେ । ପୁରୀ ତରକାରୀ ଅଣାକରେ ମିଳୁଥିଲା । ଦୋଷାମାତ୍ରା ପଚିଶ ପଇସା । ଗାଁରେ ସେତେବେଳେ ସିନେମାହଲ ନଥିବାରୁ ଲୋକଙ୍କର ଠାକୁର ଦେଖା ସହ କଦଳୀ କିଣା ବି ହେଉଥିଲା ଏହି କଟକରେ । ସେତେବେଳେ ଉଠା ସିନେମାର ଚାହିଦା ଥିଲା । ରାତି ବେଶୀ ହେଲେ ମଠ ବା ମନ୍ଦିର ନହେଲେ ଧର୍ମଶାଳାରେ ଲୋକମାନେ ପିଲାଛୁଆ ଧରି ରହୁଥିଲେ । କାହାର ଚିହ୍ନାପରିଚୟ ଥିଲେ କେହି କେହି ରହିଯାଉଥିଲେ । ସେହି ସମୟରେ ଦେଖାଯାଉଥିଲା କଟକରେ ଭଡ଼ାଘର କରି ରହିଥିବା ଲୋକପାଖକୁ ମଧ୍ୟ ବନ୍ଧୁବାନ୍ଧବ ସଖା ସହଦର ଆସି ଜମା ହୋଇଯାଉଥିଲେ ଦଶହରା ଦେଖିବା ପାଇଁ । ବାଣର ପ୍ରଚଳନ ଥିଲା କିନ୍ତୁ ଝାଡ଼ ଲାଇଟ ଓ ଆତାଶବାଜୀରେ ଭସାଣି ହେଉଥିଲା । ଏତେବଡ଼ ସହରରେ କୋଡିଏରୁ ପଚିଶିଟି ମେଢ଼ ସେତେବେଳେ ହେଉଥିଲା ତେବେ କାଳୀ ଗଳିର ବୁଢ଼ୀଠାକୁରାଣୀଙ୍କ ପାଖରେ ହେଉଥିବା ଦୂର୍ଗା ବହୁତ ଜୀବନ୍ତ ଲାଗନ୍ତି । ଏବେ ତ ପାଣିପବନ ରୀତିନୀତି ଚାଲିଚଳନ ଓ ପୂଜାର ରଙ୍ଗରଢ଼ଙ୍ଗ ସବୁ ବଦଳି ଗଲାଣି । ମେଲଣ ଭିତରେ ଚାନ୍ଦିନୀଚୌକର ରଜାଘର ମେଲଣ ଥିଲା କଟକ ଦଶହରାର ସବୁଠାରୁ ବଡ଼ ଆକର୍ଷଣୀୟ କଥା । ଜେଜ ଯାହା କୁହନ୍ତି ସବୁ ମେଢ଼ ମେଲଣ ଯିବାପରେ ସମ୍ବର୍ଦ୍ଧନା ସ୍ୱରୂପ ମୋତିଲାଲ ପଣ୍ଡିତ ଓ ରାଜାଙ୍କ ପକ୍ଷରୁ ଦୁଇଟି ଲେଖାଏଁ ଭୋଗ ହାଣ୍ଡି ଦିଆଯାଇଥିଲା । ଆଜିପରି ଭସାଣୀ ରାତିରେ ନହୋଇ ଦିନ ଆଲୁଅରେ ହିଁ ହୋଇଥିଲା । ପ୍ରତି ମେଢ଼ରେ ଖୁବ୍ ହେଲେ ପଚାରୁ ଶହେ ସାହିର ପୁରୁଖା ଲୋକମାନେ ଯାଆନ୍ତି । ଗଣ୍ଡଗୋଳର ପ୍ରଶ୍ନ ହିଁ ନଥିଲା ହାଡ଼ିବାଜା, ବଡ଼ବାଜା, ଭସାଣୀରେ ଯାଉଥିଲା ପରେ ଘୁଙ୍ଗୁର ବାଜା ଓ ରଙ୍ଗବାଜା ଆସିଲା । ମେଲଣରେ ମହତାବ ଜଳାର ପ୍ରତିଯୋଗିତା ହେଉଥିଲା । କିନ୍ତୁ ଜେଜଙ୍କ ଠାରୁ ଯାହା ଶୁଣିଛି ସେ ସମୟରେ ଭାଇଚାର ଥିଲା ବଡ଼କଥା । ପଇସାକୁ ସମ୍ପର୍କ ପାଇଁ ଜମା ହିଁ ତଉଲା ଯାଉନଥିଲା । ଭସାଣୀ ସମୟରେ ଦେଖାଯାଏ ନଈବନ୍ଧ ଏତେ ଚଉଡ଼ା ହୋଇନଥିଲେ ମଧ୍ୟ ଖାନ୍‌ନଗରରୁ ପୁରୀଘାଟ ପର୍ଯ୍ୟନ୍ତ ଅଞ୍ଚଳ ପୁରି ଉଠୁଥିଲା । କଚେରୀରୁ ପୁରୀଘାଟ ପର୍ଯ୍ୟନ୍ତ ସ୍ଥାନରେ ଅପେକ୍ଷାକୃତ କମ୍ ଭିଡ଼ ହେଉଥିଲା । ଚାନ୍ଦିନୀଚୌକ ରାଜଗଡ଼ ମେଲଣ, ଚୌଧୁରୀ ବଜାର, ବିନୋଦବିହାରୀ, ରାଣୀହାଟ ପ୍ରଭୃତି ମେଢ଼ର ବେଶ୍ ଚର୍ଚ୍ଚା ଥିଲା । ଅଧିକାଂଶ ସ୍ଥାନରେ ସେତେବେଳେ ମହାଦେବଙ୍କ ପୂଜା ହେଉଥିଲା । ଦଶହରା ସମୟ ଥିଲା କିଣାବିକାର ସମୟ । ମଫସଲରୁ ଶଗଡ଼ ଗାଡ଼ିରେ ଲୋକେ ଦେବୀଗଡ଼ା ନିକଟରେ ଜିନିଷପତ୍ର କିଣାବିକା କରୁଥିଲେ । କହିବାକୁ ଗଲେ ସେତେବେଳର ଅଧା ମଫସଲ ଓ ଅଧା ସହର ଏହିପରି ସମୟରେ କଟକରେ ବିତୁଥିଲା ଦଶହରାର ମୁହୂର୍ତ୍ତ । କାଶତଣ୍ଡୀ ଫୁଟିଲେ ଦଶହରା ଆସିଲା ବୋଲି ଆମ ସମୟର ପିଲାମାନେ ଜାଣୁଥିଲେ । ମୂର୍ତ୍ତିପାଇଁ ପାଳ ବନ୍ଧା ଦିନଠାରୁ ଆମ ପିଲାମାନଙ୍କ ଦଶହରା ଆରମ୍ଭ ହୋଇଯାଏ । ହାତରେ ଆଠଅଣା ପଡ଼ିଗଲେ କାହିଁରେ କେତେ । ଦଶହରାରେ ଘରେ ଘରେ ପିଠା ହେଉଥିଲା । ବନ୍ଧୁବାନ୍ଧବମାନେ ମଧ୍ୟ ପିଠାପଣା ନେଇ ଗାଁରୁ ଆସୁଥିଲେ । କଟକରେ ସେ ସମୟରେ ମାଆଙ୍କ ମୂର୍ତ୍ତି ତିଆରି ସମୟରେ ମୁରବୀମାନେ ହିଁ ତଦାରଖ କରୁଥିଲେ । ଦଶହରା ପୂର୍ବରୁ କୋଡିଏଫୁଟ ଉଚ୍ଚାର ଏକ ମଞ୍ଚ ବନ୍ଧାଯାଉଥିଲେ ସେଥିରେ ନାଗରା ଓ ମହୁରୀ ବାଜୁଥିଲା ଯାହାକୁ ନହବତ ବୋଲି ଆମେ କହୁଥିଲୁ । ଭାଇଚାରର ସହର କଟକରେ ଦଶହରାର ରୂପଭେକ ପୁରା ହୋଇ ବଦଳି ଯାଇଛି କିନ୍ତୁ ସବୁ ଭିତରେ ଏବେ ବି ରହିଛି କଟକିଆର ଦଶହରାର ଭେକ । ସମସୟ ସହିତ ତାଳ ଦେଇ ଚଳଚଞ୍ଚଳ ନିତିଦିନିଆ ଜୀବନରେ ପରିବର୍ତ୍ତିତ ଦଶହରା ଭିତରେ କିନ୍ତୁ ମନେ ପଡୁଛି ଆମପିଲାଦିନର ଅପାସୋରା ସମୟର ଦଶହରାକୁ ।

*ଶିକ୍ଷାବିତ୍ ଓ ପୂର୍ବତନ ସମ୍ପାଦକ,*
*ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ*
*କେନ୍ଦ୍ର ମାର୍ଗ, କଟକ,*
*ଦୂରଭାଷ : ୭୦୦୮୧୮୧୮୨୦*

# ମନରେ ରହିଛି ମହିଷାସୁର

ଥରେ ଆମ ସାଙ୍ଗମାନେ ଭସାଣି ଉତ୍ସବ ଦେଖିବାକୁ ନଈକୂଳକୁ ଯାଇଥିଲୁ। ବୁଲୁ ବୁଲୁ ଟିକେ ଦହିବରା ଓ ଆଳୁଦମ ଖାଇବାକୁ ଇଚ୍ଛା ହେଲା। ସମସ୍ତେ ସାଙ୍ଗ ହୋଇ ଦହିବରା ଆଳୁଦମ ଖାଉଥିଲୁ। ପାଖରେ ଥିଲା ନଈପଠା, କେତେକ ଗଛ ଓ ଅନ୍ଧାରୁଆ ଜାଗା। ଦୂରରୁ ପାଟି ହୋ ହା ଶବ୍ଦ ଶୁଣାଗଲା। କଅଣ ହେଲା ବୁଝୁବୁଝୁ ଦଳେ ପିଲା ଗୋଟିଏ ଝିଅକୁ ସେଇ ପଠାକୁ ନେଇ ପାଶବିକ ଅତ୍ୟାଚାର କରୁଥିଲେ। ଝିଅଟିର ଚିତ୍କାର ଶୁଣି ସ୍ୱେଚ୍ଛାସେବୀମାନେ ତାକୁ ଉଦ୍ଧାର କଲେ। ଏକଥା ଶୁଣି ମୋ ମନ ଭାରି ଦୁଃଖ ହେଲା। ତା'ପରଦିନ ଆମେ ସବୁ ସାଙ୍ଗ ହୋଇ ଟିକେ ପାର୍କଆଡ଼େ ବୁଲି ଆସିଲେ ଭଲ ଲାଗିବ ଭାବି ସବୁ ସାଙ୍ଗମାନେ ପାର୍କରେ ବସିଗଲୁ। ସେଇଠି ଆମ ମାନଙ୍କ ଭିତରେ ଚର୍ଚ୍ଚା ହେଲା ସମାଜରେ ଘଟୁଥିବା ଏପରି ଅଘଟଣକୁ କିପରି ଦୂର କରାଯାଇପାରିବ। ବିଶେଷକରି ଏହି ଘଟଣାଟି ମୋ ମନରେ ଦୁଃଖ ଦେଇଥିବାରୁ ମୁଁ ଏ ବିଷୟରେ ଚିନ୍ତା କରୁଥିଲି। ଏହି ସମୟରେ ମୋର ପିଲାଦିନର ସାଙ୍ଗମାନେ ଏକାଠି ବସିଥିବାରୁ ସମସ୍ତେ ପିଲାଦିନର କଥା ବଖାଣି ଚାଲିଥିଲେ। କିପରି ଆମେ ନଈପଠାରେ ବୁଲି ବୁଲି କୋଳି ଖାଉଥିଲୁ, କିପରି ନାନା ପ୍ରକାର ଖେଳାଖେଳି ସମୟ କାଟୁଥିଲୁ। ସବୁ ଖୁସି ଗପରେ ମାତିଲୁ। କିନ୍ତୁ ମୋ ଚିନ୍ତାପୂର୍ଣ୍ଣ ମୁହଁକୁ ଚାହିଁ ମୋର ଜଣେ ସାଙ୍ଗ ଦେବିଦତ୍ତ ପଚାରିଲା ତୁ ତ ଜଣେ ମାନସିକ ରୋଗ ଚିକିତ୍ସକ, ତୁ ଏ ବିଷୟରେ ଏତେ ଚିନ୍ତା କରୁଛୁ କାହିଁକି ? ମୁଁ କହିଲା ନାହିଁ ଏବେ ଏଇ ଲୋକମାନଙ୍କ ମଧ୍ୟରେ ଯେଉଁ ପାଶବିକ ପ୍ରବୃତ୍ତି ଜାଗ୍ରତ ହେଉଛି, ଯାହା ଫଳରେ କି ମଣିଷ ଦେବତା ହେବା ବଦଳରେ ଆସୁରିକ ପ୍ରବୃତ୍ତି ଯୋଗୁଁ ଅସୁର ପାଲଟିଯାଉଛି ସେଇ କଥା ଭାବୁଥିଲି। ଦେଖୁନୁ... କେବେ ଗୋଟିଏ ଅସୁରର ପ୍ରାଦୁର୍ଭାବକୁ ଦେବତାମାନେ ସହି ନପାରି ମାଆ ଦୁର୍ଗତିନାଶିନୀ ଦୁର୍ଗାଙ୍କୁ ସ୍ତୁତି କଲେ ଓ ସବୁ ଦେବତାମାନେ ମା'ଦୁର୍ଗାଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଇ ଗୋଟିଏ ମହିଷାସୁରକୁ ବଧ କଲେ। ତା'ଦ୍ୱାରା ଦେବଲୋକ ଓ ମର୍ତ୍ତ୍ୟଲୋକର ସମସ୍ତେ ଆନନ୍ଦରେ ରହିଲେ। ମାତ୍ର ଆଜି ଯେଉଁ ଲକ୍ଷ ଲକ୍ଷ ମହିଷାସୁର ଜନ୍ମ ନେଲେଣି, ଏଇ ମାନବ ସମାଜ କେମିତି ବା ଶାନ୍ତିରେ ରହିବେ ? ଆଜି କାହାର ମାଆ ଉପରେ କିଏ ଅତ୍ୟାଚାର କରୁଛି ତ ଆଉ କାହାର ଝିଅ ଉପରେ ଅତ୍ୟାଚାର ହେଉଛି।

ଏହି କଥା ସବୁ ଶୁଣିବା ପରେ ମୋର ଆଉ ଜଣେ ସାଙ୍ଗ ତୁଷାର ମୋ କାନ୍ଧ ଉପରେ ହାତରଖି ପଚାରିଲା ତୁ କହୁନୁ ଏହା କଅଣ ପାଇଁ ହେଉଛି ? ମୁଁ ତ ଦେଖିଛି ଅନେକ ଭଲ ଭଲ ଘରର ପିଲା ବି ପରିସ୍ଥିତିରେ ପଡ଼ି ଦୋଷୀ ପାଲଟି ଯାଉଛନ୍ତି। ମୁଁ ଗୋଟିଏ ଦୀର୍ଘ ନିଃଶ୍ୱାସ ନେଇ କହିଲି ଏମିତି ଅନେକ ପ୍ରକାର ମାନସିକ ରୋଗ ଅଛି ଯେଉଁଥିରେ କି ମନୁଷ୍ୟ ଅନେକ ପ୍ରକାର ଭୁଲ କରିଥାଏ। ଏଇ ଦେଖୁନୁ ଅନେକ ଲୋକ ଅଛନ୍ତି ଯେଉଁମାନେ କି ନିଶା ଦ୍ରବ୍ୟ ଖାଇ ନିଜ ମନର ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରନ୍ତି। ସେମାନେ ସାମୟିକ ସୁଖ ପାଇବା ପାଇଁ ନିାର ଆଶ୍ରୟ ନେଇଥାନ୍ତି। ମାତ୍ର ସମୟକ୍ରମେ ଏହାର ପରିମାଣ ବଢ଼ିଥାଏ, କାରଣ ପ୍ରଥମେ ଅଳ୍ପ ନିଶାରେ ଯେତିକି ଆନନ୍ଦ ପାଆନ୍ତି ପରେ ତାହାର ପରିମାଣ ନ ବଢ଼ିଲେ ସେ ସେତିକି ଆନନ୍ଦ ପାଆନ୍ତି ନାହିଁ। ତେଣୁ ଦିନକୁ ଦିନ ଲୋକଟି ଅତ୍ୟଧିକ ନିଶାସେବନ କରିଥାଏ। ଏହି ନିଶା ଯୋଗୁଁ ଲୋକଟି ମାନସିକ ଭାରସାମ୍ୟ ହରାଇ ବସେ। କେତେବେଳେ ଅତ୍ୟଧିକ ନିଶା ଯୋଗୁଁ ସମାଜରେ ନାନା ପ୍ରକାର କ୍ଷତି ଘଟାଇଥାଏ। ଯେମିତିକି ବଳାତ୍କାର, ଚୋରି, ମାରପିଟ ଇତ୍ୟାଦି। କ୍ରମଶଃ ତାହାର ଏହି ଦୁର୍ଗୁଣଗୁଡ଼ିକ ମନ ଭିତରେ ବସାବାନ୍ଧି ରହିଯାଏ ଓ ତାହା



ଡାକ୍ତର ସମ୍ରାଟ କର

କୁ-ଅଭ୍ୟାସରେ ପରିଣତ ହୋଇଯାଏ। ଆଉ କେତେକ ମାନସିକ ରୋଗ ଅଛି ଯାହା ସିଜୋଫ୍ରେନିଆ ଭଳି ରୋଗରେ ଲୋକଟି ମଧ୍ୟ ସମାଜରେ ନାନା କ୍ଷତି ଘଟାଇଥାଏ। ଏ ରୋଗରେ ମନୁଷ୍ୟ ମନରେ ନାନା ପ୍ରକାର ସନ୍ଦେହ ଉପୁଜିଥାଏ। ଜଣେ ଅନ୍ୟ ଜଣଙ୍କୁ ସନ୍ଦେହ କରିଥାଏ। ରୋଗୀଟି ଭାବେ ତାକୁ କିଏ ଖାଦ୍ୟରେ ବିଷ ମିଶାଇ ମାରିଦେବାକୁ ଚେଷ୍ଟା କରୁଛି ବା କେବେ କେବେ ଗୁଣି-ଗାରେଡ଼ି କରି ତାକୁ ମାରିବାକୁ ଚେଷ୍ଟା କରୁଛି। ଅନେକ ସମୟରେ ତାକୁ ଶୂନ୍ୟରୁ କେହି କିଛି ନିର୍ଦ୍ଦେଶ ଦେବାପରି ଜଣାଯାଏ। ସେ ସେହି ନିର୍ଦ୍ଦେଶକୁ ମାନି କାମ କରେ। ଫଳରେ ଅନେକ ଭୁଲ କାମ ତା ମୁଣ୍ଡରେ ପଶିଯାଏ ଓ ସେହି ଭୁଲ ନିର୍ଦ୍ଦେଶକୁ ମାନି କାମ କରିଥାଏ। ଯେପରିକି ନିଜ ସ୍ତ୍ରୀକୁ ସନ୍ଦେହ କରି ଅନେକ ସମୟରେ ନିଜ ସ୍ତ୍ରୀ ଓ ନିଜ ପିଲାଙ୍କୁ ହତ୍ୟା କରିଥାଏ। ଏସବୁ କଥା ଶୁଣି ମୋର ଆଉ ଜଣେ ସାଙ୍ଗ ସୁବାସ ପଚାରିଲା ଆଉ କଅଣ ସବୁ ରୋଗ ଅଛି, ଯାହାଦ୍ୱାରା କି ମନୁଷ୍ୟର ପ୍ରକୃତି ବଦଳିଯାଏ। ମୁଁ କହିଲି କେତେକ ଯୌନ ସମସ୍ୟା ଅଛି, ଯାହାଦ୍ୱାରା କି ମନୁଷ୍ୟ ପଶୁ ପାଲଟିଯାଏ। ଏପରି ରୋଗରେ ଜଣେ ତାର ସହପାଠୀ ବା ଛୋଟ ଛୋଟ ପିଲାଙ୍କ ସହିତ ଯୌନ ସଂପର୍କ ଜୋର ଜବରଦସ୍ତ କରିଥାଏ। ଏସବୁ ଆସୁରିକ ପ୍ରବୃତ୍ତି ନୁହେଁ ତ ଆଉ କଅଣ ? ଏହି ସମୟରେ ମୋର ଆଉ ଜଣେ ସାଙ୍ଗ ପ୍ରକାଶ ପଚାରିଲା, ଏତିକି ନା ଆଉ କିଛି ବାକି ଅଛି ? ମୁଁ କହିଲି ନାଇଁ ତୁ ଧୈର୍ଯ୍ୟ ଧର, ମୁଁ କହୁଛି। ମୁଁ କହିଲି ଅନେକ ସମୟରେ ଦେଖାଯାଏ କେତେକ ଲୋକ ପରିବେଶ ଓ ପରିସ୍ଥିତିରେ ପଡ଼ି ନିଜର ବ୍ୟକ୍ତିତ୍ୱ ବଦଳାଇଥାଆନ୍ତି। ଯାହାକି ବାସ୍ତବ ଜୀବନରେ କ୍ଷତି ଘଟାଇଥାଏ। କେତେକ ଲୋକଙ୍କ ଠାରେ ନାନା ପ୍ରକାର ବ୍ୟକ୍ତିତ୍ୱ ଦେଖାଯାଏ ଯଥା ସନ୍ଦେହପ୍ରବଣ, ଅହଂକାରୀ ଓ ସମାଜବିରୋଧୀ। ଅନେକ ସମୟରେ ଏପରି ଗୁଣସବୁ ବିରୋଧାଭାସ ସୃଷ୍ଟି କରି ସମାଜର କ୍ଷତିକାରକ ହୋଇଥାଏ। ଏହିସବୁ ଆଲୋଚନା ପରେ ଆମେ ସବୁ ବସିଥିବା ଚେୟାରରୁ ଉଠିଲୁ। ଅନେକ ବେଳ ହୋଇଯାଇଥିଲା। ଘରକୁ ଯିବା ପାଇଁ ଘଣ୍ଟାକୁ ଚାହିଁଲୁ। ଏପରି ଆଲୋଚନା ପରେ ମୋ ମନଟି ଟିକେ ହାଲ୍‌କା ଲାଗିଲା। ଏହି ସମୟରେ ମୋର ଆଉ ଜଣେ ସାଙ୍ଗ ହେମନ୍ତ କହିଲା ସବୁ ସମସ୍ୟା ତ କହିଲୁ କିନ୍ତୁ ଏହି ସମସ୍ୟାଗୁଡ଼ିକର କାରଣ ତ କିଛି କହିଲୁ ନାହିଁ ? ମୁଁ କହିଲି ତୁ ତ ସମସ୍ୟାଗୁଡ଼ିକୁ ଶୁଣି ଶୁଣି ବ୍ୟସ୍ତ ହୋଇଯିବୁଣି। ଏହାର କାରଣ ଆଉ ଦିନେ କହିଲେ କେମିତି ହୁଅନ୍ତା ? ସେ କିନ୍ତୁ କହିଲା ନା ନା, କାରଣ ଗୁଡ଼ିକ ନ ଶୁଣିଲେ ମୋତେ ରାତିରେ ନିଦ ହେବନାହିଁ।

ମୁଁ କହିଲି ପରିବାର, ପରିବେଶ, ପରିସ୍ଥିତିର ଅଚାନକ ଓ ଅପ୍ରତ୍ୟାଶିତ ପରିବର୍ତ୍ତନ ହେଲେ ମନୁଷ୍ୟ ତାର ମାନସିକ ଭାରସାମ୍ୟ ରକ୍ଷା କରି ପରିସ୍ଥିତି ସହ ନିଜକୁ ଖାପ ଖୁଆଇପାରେ ନାହିଁ। ତେଣୁ ସେ ମାନସିକ ଭାରସାମ୍ୟ ହରାଇଥାଏ। ନା ନା କାରଣରୁ ଯେପରି ଶାରୀରିକ ରୋଗ ହୋଇଥାଏ ସେହିପରି ନା ନା ପ୍ରକାରର କାରଣରୁ ମାନସିକ ରୋଗ ହୋଇଥାଏ। ଏହାର ଭୂତ, ପ୍ରେତ, ପୂର୍ବଜନ୍ମର ଅଭିଶାପ ସଙ୍ଗେ କୌଣସି ସମ୍ପର୍କ ନଥାଏ। ମସ୍ତିଷ୍କରେ କେତେକ ସ୍ନାୟବିକ ରସ କ୍ଷରଣର ବୈଷମ୍ୟ ଯୋଗୁଁ ହୋଇଥାଏ। ମାନସିକ ରୋଗ ବିଷୟରେ ଜାଣିବାକୁ ହେଲେ ପ୍ରଥମେ ମସ୍ତିଷ୍କ ଉପରେ କିଛି ଜାଣିବା ଦରକାର। ମସ୍ତିଷ୍କର ଲିମ୍ବିକ୍ ସିଷ୍ଟମ ଜ୍ଞାନଶକ୍ତି, ବୁଦ୍ଧି ଓ ବିଚାରଶକ୍ତି ପରିଚାଳିତ କରିଥାଏ। ଏହା ଏକ ନିର୍ଦ୍ଦିଷ୍ଟ ପରିମାଣର ଜୈବ ତରଳ ପଦାର୍ଥ ନିର୍ଗତ ହେବାର କାର୍ଯ୍ୟ କରେ। ଯଦି କୌଣସି ରାସାୟନିକ ପ୍ରକ୍ରିୟା ଯୋଗୁଁ ଲିମ୍ବିକ୍ ସିଷ୍ଟମରେ ନିର୍ଗତ ହେଉଥିବା ଜୈବ ତରଳ ପଦାର୍ଥ ସଞ୍ଚାଳନର ପରିମାଣରେ ପରିବର୍ତ୍ତନ ହୁଏ, ତାହାଲେ ମାନସିକ ରୋଗ ସୃଷ୍ଟି ହୋଇଥାଏ। ଏହି ରାସାୟନିକ ପ୍ରକ୍ରିୟା ବଂଶଗତ କାରଣ ଯୋଗୁଁ ହୋଇପାରେ, ସାମାଜିକ ଓ ମାନସିକ ଦୁର୍ବଳତାରୁ ହୋଇପାରେ କିମ୍ବା କୌଣସି କାରଣ ନଥାଇ ମଧ୍ୟ ହେବାର ସମ୍ଭାବନା ଅଛି। ସେତେବେଳେ ସିନା ଦେବତାମାନେ ଦୁର୍ଗାଙ୍କୁ ସ୍ତୁତି କରିଥିଲେ ଯେ ଦୁର୍ଗା ଆବିର୍ଭାବ ହୋଇ ମହିଷାସୁରକୁ ବଧ କଲେ। ଏବେ ତ ଆଉ ଆମେମାନେ ଦୁର୍ଗାଙ୍କୁ ଡାକି ପାରିବୁନି। ଦୁର୍ଗା ନିଜେ ଆସି ଏହିସବୁ ଆସୁରିକ ପ୍ରବୃତ୍ତିର ଲୋକମାନଙ୍କୁ ମାରିପାରିବେନି। ଏଇ ଲୋକମାନଙ୍କ ମନରୁ ଆସୁରିକ ପ୍ରବୃତ୍ତିକୁ ବାହାର କରିବାର କଅଣ କିଛି ଉପାୟ ନାହିଁ ? ମୁଁ କହିଲି ଏହା ସମ୍ଭବ, କିନ୍ତୁ ଲୋକମାନେ ମାନସିକ ରୋଗ ଚିକିତ୍ସକଙ୍କ ପରାମର୍ଶ ନେବା ଆବଶ୍ୟକ। ସମାଜ ଓ ପରିବାର ଦାୟିତ୍ୱବାନ ହୋଇ ରୋଗୀଟିକୁ ସାହାଯ୍ୟ, ସହାନୁଭୂତି ଓ ଉତ୍ସାହ ଦେଲେ ଏହାର ପରିମାଣ କମିଯାଇପାରିବ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍,*
*ପୁରୀଘାଟ ରୋଡ଼, କଟକ,*
*ଦୂରଭାଷ : ୯୧୩୨୪୩୩୩୩୩*




# ନିର୍ମାଣାଧିନ ଗରାପୁର-ଗଣ୍ଡାକିଆ ରାସ୍ତା ନିମ୍ନମାନର ଅଭିଯୋଗ

### କାର୍ଯ୍ୟାଦେଶ ବାତିଲ ଓ ନୂତନ ଠିକାଦାର ନିଯୁକ୍ତି ଦାବି

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ-୧ଅଧିନସ୍ଥ ନିର୍ମାଣାଧିନ ଗରାପୁର- ଗଣ୍ଡାକିଆ ରାସ୍ତା ଅତ୍ୟନ୍ତ ନିମ୍ନମାନର ହେଉଥିବା ବେଳେ ଧାର୍ଯ୍ୟ ଗୁଣବତ୍ତା ସାମଗ୍ରୀ ବ୍ୟବହାର ହେଉନଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାଇ ଗରାପୁରସ୍ଥିତ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ଭି.ଆଇ.ପି. ରୋଡ ଠାରୁ କାଳି ମନ୍ଦିର, ସାନ୍ତସାହି ଦେଇ କେନାଲ ରୋଡରେ ଗଣ୍ଡାକିଆ ଯାଇଥିବା ୧୨ କିଲୋମିଟର ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେହି ରାସ୍ତା ଦେଇ ଜିଲ୍ଲାର ଅର୍ଦ୍ଧାଧିକ ଲୋକ, ସ୍କୁଲ, କଲେଜର ଛାତ୍ରଛାତ୍ରୀ, ଡାକ୍ତରଖାନା, କେନ୍ଦ୍ରାପଡା ବ୍ଲକ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ଅଦାଲତ ପ୍ରଭୃତିକୁ ଯାତାୟତ କରିଥାନ୍ତି। ଏଥିସହିତ କଟକ ଏବଂ ଭୁବନେଶ୍ୱରରୁ ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡା ବ୍ଲକ ସମେତ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ୫ଟି ପଞ୍ଚାୟତର ଅଧିବାସୀମାନେ ବସ, ବାଇକ, କାର ପ୍ରଭୃତିରେ ଯାତାୟତ କରିଥାନ୍ତି। ଏହାବ୍ୟତିତ ଏହି ରାସ୍ତା ଦେଇ ଦୈନିକ ଶହ ଶହ ମାଲ ବୋଝେଇ ଟ୍ରକ ଯାତାୟତ କରିଥାଏ। କିନ୍ତୁ ଅପ୍ରଶସ୍ତ ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁଁ ଦୀର୍ଘବର୍ଷ ହେବ ସେହି ରାସ୍ତାଟି ମରଣଯନ୍ତା ପାଲଟିଥିବା ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ- ୧ ପକ୍ଷରୁ ସେହି ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ ପାଇଁ ୯୭୮. ୮୦ଲକ୍ଷ ଟଙ୍କାର ବ୍ୟୟ ଅଟ୍ଟକଳରେ ମୋଟ ୧୨କିଲୋମିଟର ୪୦୫ମିଟର ରାସ୍ତା ନିର୍ମାଣ ନିମନ୍ତେ ଏବେ ଠିକାଦାରଙ୍କୁ କାର୍ଯ୍ୟନିର୍ବାହ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ସଂପୃକ୍ତ ଠିକାଦାର ବିଭାଗର ଅଟ୍ଟକଳ ଅନୁଯାଇ କାର୍ଯ୍ୟ କରୁନଥିବା ଅଭିଯୋଗ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ୧ମିଟର ଲେଖାଁଏ ସିମେଣ୍ଟ ବଜୁରୀ(୮ଇଞ୍ଚର) ଲଗାଯିବାକୁ ଥିବା ବେଳେ ତାହା କରାଯାଇନଥିବା, ରାସ୍ତାର ଉଭୟ ପାର୍ଶ୍ୱରେ ଜିଏସବି ୬ଇଞ୍ଚ ଲାଗିନଥିବା, ଡବ୍ଲୁ.ଏମ.ଏମ. ୪ଇଞ୍ଚ କରାଯାଇନଥିବା, ରାସ୍ତାର ଉଭୟ ପାର୍ଶ୍ୱରେ ୧୧ହଜାର ୬୯୯ ଟ୍ରିପ ମାଟି ବ୍ୟବହାର କରାଯିବାକୁ ଥିବା ବେଳେ ମୁଠାଏ ବି ମାଟି ବ୍ୟବହାର କରାନଯାଇ ଦୁଇ ପାର୍ଶ୍ୱକୁ କାଟି ଅତି ଦୁର୍ବଳ ଓ ବିପଦ ସଙ୍କୁଳ କରାଯାଇଥିବା ଅଭିଯୋଗ ହୋଇଛି। ଏହି ରାସ୍ତାର ନିର୍ମାଣ କାର୍ଯ୍ୟରେ ପାଣି ବ୍ୟବହାର କରାଯାଉନଥିବା ବେଳେ କାର୍ଯ୍ୟକୁ ବିଭାଗୀୟ ଯନ୍ତ୍ରୀ ତଦାରଖ କରୁନଥିବା ଅଭିଯୋଗ ହୋଇଛି। ଏତଦବ୍ୟତିତ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଲୋକ ଆପତ୍ତି ଏବଂ ଅଭିଯୋଗ କରିବାରେ କେନ୍ଦ୍ରାପଡା ବ୍ଲକରେ ଥିବା କନିଷ୍ଠ ଯନ୍ତ୍ରୀ ବିନୟ ମିଶ୍ର ସେମାନଙ୍କୁ ଧମକ ଚମକ ଦେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି କାର୍ଯ୍ୟର ବିଧିବଦ୍ଧ ତଦନ୍ତ କରାଯିବା ସହ ସଂପୃକ୍ତ ଠିକାଦାରଙ୍କ କାର୍ଯ୍ୟାଦେଶ ବାତିଲ କରାଯାଇ ନୂତନ ଠିକାଦାରଙ୍କୁ ନିୟୋଜିତ କରାଯିବାକୁ ୫ଟି ପଞ୍ଚାୟତର ଅଧିବାସୀଙ୍କ ପକ୍ଷରୁ ଫକିର ଚରଣ ଖଟୁଆ, ସନ୍ତୋଷ କୁମାର ବେହେରା, ଉତ୍ତମ ସ୍ୱାଇଁ, ଅଞ୍ଜନ କୁମାର ମହାପାତ୍ର, ନିରଞ୍ଜନ ପରିଡା,ରଶ୍ମିରଞ୍ଜନ ଚୌଧୁରୀ, ଦିପ୍ତିରଞ୍ଜନ ମହାନ୍ତି, ପ୍ରକାଶ ଚନ୍ଦ୍ର ଲେଙ୍କା, ମହେନ୍ଦ୍ର ପରିଡା, ସୁନାକର ରାଉତ, ଉମାକାନ୍ତ ପରିଡା, ଲଲାଟେନ୍ଦୁ ଖଟୁଆ, ସୁଶାନ୍ତ କୁମାର ଦାସ, ବିଜୟ ପ୍ରଧାନ, ପ୍ରଭାକର ଲେଙ୍କା, ମୁରଲୀଧର ରାଉତ ପ୍ରମୁଖ ଶତାଧିକ ଲୋକ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।



## ପଥର ଖାଦାନ ରେ ବୁଡି ଶିଶୁର ମୃତ୍ୟୁ

ଭୁବନେଶ୍ୱର, (ପି.ଏନ): ବାଲେଶ୍ୱର ଜିଲ୍ଲାରେ ଏକ ପରିତ୍ୟକ୍ତ ପଥର ଖାଦାନ ରେ ବୁଡି ଶିଶୁ ମୃତ୍ୟୁ ଘଟିଛି । ଏହାକୁ ନେଇ ସ୍ଥାନୀୟ ଅଂଚଳରେ ପ୍ରବଳ ଉତେଜନା ପ୍ରକାଶ ପାଇଛି ।

ମିଳିଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧିନ ଧୋବଶିଳା ପଂଚାୟତ ଚଲଣାପାଳ ଗାଁରେ ଏହି ଅଘଟଣ ଘଟିଛି । ଗାଁ ନିକଟରେ ସ୍ୱର୍ଣ୍ଣଚୁଡ଼ ସଂରକ୍ଷିତ ଜଙ୍ଗଲକୁ ଲାଗିଥିବା ପରିତ୍ୟକ୍ତ ପଥର ଖାଦାନରେ ଜମିଥିବା ପାଣିରେ ବୁଡି ଅଢେଇ ବର୍ଷର ଶିଶୁ ମୃତ ବରଣ କରିଛି। ମୃତକ ହେଲେ ତପନ ସିଂର ଅଢେଇ ବର୍ଷର ଅମିତ। ଗାଁ ରାସ୍ତାଟି ଖାଦାନକୁ ଲାଗିଥିବା ବେଳେ ଶିଶୁଟି ଖେଳୁଥିବା ବେଳେ ଅସାବଧାନତା କାରଣରୁ ଖାଦାନରେ ଖସି ପଡ଼ିଥିଲା।ଫଳରେ ତାଙ୍କୁ ଖୋଜାଖୋଜି କରିବା ପରେ ଖାଦାନରୁ ଉଦ୍ଧାର କରାଯିବା ବେଳକୁ ତାର ପ୍ରାଣବାୟୁ ଉଡି ଯାଇଥିଲା।ଶିଶୁଟିର ମୃତ୍ୟୁରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତେବେ ଖାଦାନ କରିବା ପରେ ଖାଲ ପୋତିବା ନିୟମ ଥିବାରୁ ଖାଦାନ ଲିଜଧାରୀ ଖାଦାନ ପରେ ଛାଡ଼ିଦେଇ ଯାଇଥିବାରୁ ବର୍ଷା ପାଣି ଜମି ଏବେ ମରଣ ଯନ୍ତା ପାଲଟିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପୂର୍ବରୁ ମଧ୍ୟ ଏହି ଖାଦାନରେ ଜୀବନ ଯାଇଥିବା ସୂଚନା ମିଳିଛି। ତୁରନ୍ତ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଖାଦାନ ପୋତିବାର ବ୍ୟବସ୍ଥା କରିବାକୁ ଦାବୀ ହୋଇଛି।

# ବିଶ୍ୱହିନ୍ଦୁ ପରିଷଦ, ବିଜେପି ଓ ବିଜେଡ଼ିର ଜାତିବାଦ ରାଜନୀତି ଦେଶ ଗଠନରେ ବାଧକ ସୃଷ୍ଟି କରୁଛି

ଭୁବନେଶ୍ୱର (ପିଏନ୍)-ଗତ ତାରିଖ ସୋମବାର ଦିନ ଓଡ଼ିଶା ପ୍ରଦେଶ କଂଗ୍ରେସର ୧୦୦ବର୍ଷ ପୂର୍ତ୍ତି ଅସବରରେ ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟିର ତରଫରୁ ଏକ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ସମାବେଶରେ କଂଗ୍ରେସ ଦଳର ଜାତୀୟନେତା ଯଥା ଡଃ. କହ୍ନେୟା କୁମାର, ଗୁଜୁରାଟର ମାନ୍ୟବର ବିଧାୟକ ତଥା ଦଳିତ ନେତା ଶ୍ରୀ ଜିଗ୍ନେଶ ମେୱାନୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିହାର ପ୍ରଦେଶ କଂଗ୍ରେସର ପ୍ରଭାରୀ ଶ୍ରୀ ଭକ୍ତଚରଣ ଦାସ ଓ ଛତିଶଗଡ଼ ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଶ୍ରୀ ଲକ୍ଷ୍ମୀ କାୱାସୀ ପ୍ରମୁଖ ଯୋଗଦାନ ଦେଇ ଜନସାଧାରଣ ଓ ଯୁବକମାନଙ୍କୁ ଏକତ୍ର ହୋଇ ନିଜକୁ ରାଷ୍ଟ୍ରୀୟ ଏକତ୍ରିକରଣ ସ୍ରୋତରେ ସାମିଲ ହେବା ପାଇଁ ବକ୍ତବ୍ୟ ପ୍ରଦାନ ସହ ହଜାର ହଜାର ସଂଖ୍ୟାରେ ଦଳିତ ଆଦିବାସୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ସମାବେଶର ସଫଳତାରେ ଈର୍ଷାପରାୟଣ ହୋଇ କିଛି ତଥାକଥିତ ଅସାମାଜିକ ଯୁବକ ଯଥା ଶ୍ରୀ ଗୌରୀଶଙ୍କର, ଶ୍ରୀ ହିମାଂଶୁଶେଖର ମିଶ୍ର (ଆୟୁଷ ଡାକ୍ତର), ଶ୍ରୀ ମିହିର କୁମାର ମିଶ୍ର ଦଳିତ ନେତା ଜିଗ୍ନେଶ ମେୱାନୀ, ଶ୍ରୀ କହ୍ନେୟା କୁମାର, ଶ୍ରୀ ଲକ୍ଷ୍ମୀ କାୱାସୀ ଓ ଭକ୍ତଚରଣ ଦାସଙ୍କ ପ୍ରତି ଅପମାନ ସୂଚକ ମନ୍ତବ୍ୟ ଦେବା ସହ ଜାତିଆଣ ମନୋଭାବ ରଖି ସଭାସ୍ଥଳକୁ ପବିତ୍ର ଗଙ୍ଗାଜଳ ସିଂଚନ କରୁଥିବା ଭିଡ଼ିଓ ଭାଇରାଲ କରିଛନ୍ତି । ଯାହା ସଂପୂର୍ଣ୍ଣ ଭାବରେ ଦଳିତ ଆଦିବାସୀ ସମାଜର ସମ୍ମାନ ହାନି ହେବା ସହ ତାଙ୍କୁ ଶକ୍ତ ଆଘାତ ଦେଇଛି । ଯାହାଫଳରେ ସେମାନେ ମାନସିକ ଚାପରେ ରହିଛନ୍ତି । ନବରଙ୍ଗପୁର ଜିଲ୍ଲାରେ ଥିବା ଦଳିତ ଆଦିବାସୀମାନଙ୍କ ଭିତରେ ଏହା ତିବ୍ର ଉତେଜନା ସୃଷ୍ଟି କରିଛି । ନବରଙ୍ଗପୁର ଜିଲ୍ଲା ଏକ ଦଳିତ ଆଦିବାସୀ ବହୁଳ ଜିଲ୍ଲା । ଏହି ଜିଲ୍ଲାରେ ପ୍ରାୟ ୧୨% ପ୍ରତିଶତରୁ ଉର୍ଦ୍ଧ ଦଳିତ ଆଦିବାସୀ ବସବାସ କରନ୍ତି । ସ୍ୱର୍ଗତଃ ଜଗନ୍ନାଥ ତ୍ରିପାଠୀଙ୍କ ପୂର୍ବରୁ ଏହିଠାରେ ମିରୁ ହରିଜନ ବିଧାୟକ ରୂପେ ନିର୍ବାଚିତ ହୋଇଥିଲେ । ପୋଟାକୋଟା ଗ୍ରାମର ଅର୍ଜୁନ ହରିଜନ କୁଇଟ୍ ଇଣ୍ଡିଆ ମୁଭମେଂଟ୍‌ରେ ବ୍ରିଟିଶ ସରକାରଙ୍କ ଦ୍ୱାରା ଗିରଫ ହୋଇ ୧୯୪୨ ମସିହାରେ ବ୍ରହ୍ମପୁର ସ୍ଥିତ ଜେଲରେ ନଖାଇ ନପିଇ ମୃତ୍ୟୁବରଣ କରି ଦେଶ ପାଇଁ ବଳିଦାନ ଦେଇଥିଲେ । ନବରଙ୍ଗପୁର ଜିଲ୍ଲାର ମାଟିର ସଂାନ ମାନେ ଦେଶ ସ୍ୱାଧୀନତାରେ ନିଜକୁ ସମର୍ପଣ କରି ସହୀଦ ଲକ୍ଷ୍ମଣ ନାଏକଙ୍କ ସମେତ ଅନେକ ଦଳିତ ଆଦିବାସୀ ନେତା ଦେଶସ୍ୱାଧୀନତାରେ ନିଜକୁ ବଳିଦାନ ଦେଇଛନ୍ତି । ତେଣୁ ଏହି ପବିତ୍ର ମାଟିରେ ବସବାସ କରୁଥିବା ଜନସାଧାରଣ ତଥା ସମଗ୍ର ରାଜ୍ୟର ଦଳିତ ଆଦିବାସୀମାନଙ୍କର ସମ୍ମାନକୁ କ୍ଷୁର୍ଣ୍ଣ କରିବାର ଭଳି ଯେଉଁ ଘୃଣ୍ୟ କାର୍ଯ୍ୟ ଦୋଷୀମାନେ କରିଛନ୍ତି ତାହା ନିନ୍ଦନୀୟ ଓ ଜଘନ୍ୟ ଅପରାଧ । ଶ୍ରୀ ଗୌରୀଶଙ୍କର, ଶ୍ରୀ ହିମାଂଶୁ ଶେଖର ମିଶ୍ର (ଆୟୁଷ ଡାକ୍ତର), ଶ୍ରୀ ମିହିର କୁମାର ମିଶ୍ର ଗଙ୍ଗାଜଳ ସିଂଚନ କରି ନିର୍ଦ୍ଦିଷ୍ଟ ଜାତିର ଭାବଧାରାକୁ ଆକ୍ଷେପ କରି ମନ୍ତବ୍ୟ ଦେବା ଜଘନ୍ୟ ଅପରାଧ । ଏ ସଂପର୍କରେ ତା.୨୯.୧୨.୨୦୨୧ରିଖରେ ନବରଙ୍ଗପୁର ଜିଲ୍ଲା ଆଇ.ଆଇ.ସି.ଙ୍କ ନିକଟରେ ଏକ ଏଫ୍.ଆଇ.ଆର. ଦରଜ କରାଯାଇଅଛି । ପ୍ରକାଶ ଥାଉକି, ଉକ୍ତ ତିନିଜଣ ବ୍ୟକ୍ତି ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ସମର୍ଥକ ଅଟନ୍ତି । ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ଦଳର ଇଙ୍ଗିତରେ ସେମାନେ ଏହି ଘୃଣ୍ୟ କାମ କରିଛନ୍ତି ଯାହା ଦେଶରେ ଜାତି ଓ ଧର୍ମ ନାମରେ ଦେଶକୁ ଭାଗ ଭାଗ କରିବା ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ଦଳର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯିବ । ଭାରତୀୟ ସମ୍ବିଧାନ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଅଧିକାର ଦେଇଅଛି । ଏକ ସ୍ପର୍ଶକାତରତା ଘଟଣା ବିଷୟରେ ଏ ପର୍ଯ୍ୟ' ସେଠାକାର ଏସ୍.ପି. ଓ ଜିଲ୍ଲା ପ୍ରଶାସନ କାହିଁକି ନିଜଆଡୁ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଏଫ୍.ଆଇ.ଆର. ଦାୟର କରିନାହାଁନ୍ତି । ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ପ୍ରଶାସନ ଏକ ସ୍ଥାଣୁ ପାଲଟି ଯାଇଛି ପରୋକ୍ଷରେ ସରକାର ଅପରାଧୀମାନଙ୍କୁ ଘଂଟଘୋଡାଇବାରେ ସାହାର୍ଯ୍ୟ କରୁଛନ୍ତି । ଏ ପର୍ଯ୍ୟ' କଳାହାଣ୍ଡି ଜିଲ୍ଲାର ମମିତା ମେହେର ହତ୍ୟାଘଟଣାରେ ନ୍ୟାୟ ଦେଇ ପାରୁନାହାଁନ୍ତି । ସେହି ଜିଲ୍ଲାରେ ଜାତିବାଦ ରାଜନୀତି ଏକ ସ୍ପର୍ଶକାତରତା ଘଟଣା ଏବଂ ଅସାମ୍ବିଧାନିକ ହୋଇଥିଲେ ମଧ୍ୟ ସରକାର ସେଥିପ୍ରତି ଧ୍ୟାନ ଦେଉନାହାଁନ୍ତି । ରାଜ୍ୟର ସାଢ଼େ ଚାରିକୋଟି ଓଡ଼ିଆ ବସବାସ କରୁଥିବାବେଳେ ପ୍ରଭୂ ଜଗନ୍ନାଥଙ୍କ ନିକଟରେ ସମସ୍ତେ ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ କୌଣସି ପକ୍ଷପାତ ନଥିବାବେଳେ ନବୀନ ପଟ୍ଟନାୟକ ସରକାର ଉକ୍ତ ଘଟଣାକୁ ଅଣଦେଖା କରିବା ନିନ୍ଦନୀୟ ଅଟେ । ପରୋକ୍ଷରେ ନବୀନ ପଟ୍ଟନାୟକ ସରକାର ସମ୍ବିଧାନ ବିରୋଧି କାର୍ଯ୍ୟ କରିଥିବା ମନେ ହୁଏ । ଏଥି ପାଇଁ ସାଧାରଣରେ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ, ଏଣୁ ସାମ୍ବିଧାନିକ ନିୟମକୁ ଭଙ୍ଗ କରି ଅସମ୍ମାନ କରି ମନୁବାଦକୁ ଆପଣାଇଥିବା ଦଳ ବିଜେପି ଓ ବିଜେଡ଼ି ସମଦାୟୀ । ଏଣୁ ତୁରନ୍ତ ଦଳିତ ନିର୍ଯ୍ୟାତନା ଆଇନ ଅନୁସାରେ ଦୋଷିଙ୍କୁ ଗିରଫ କରିବା ପାଇଁ ଏବଂ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମ୍ବିଧାନକୁ ସମ୍ମାନ ଦେବା ପାଇଁ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବି କରାଯାଉଛି । ଯଦି ଦୋଷୀମାନଙ୍କ ପ୍ରତି ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ କଂଗ୍ରେସ ଅନୁସୂଚିତ ଜାତିବିଭାଗ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଅନୁସୂଚୀତ ଜାତି ବିଭାଗ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରା ଅଧ୍ୟକ୍ଷତା କରିଥିବା ବେଳେ ବିଧାୟକ ସଂନ୍ତୋଷି ସିଂ ସାଲୁଜା, ପିସିସି ମୁଖପାତ୍ର ଅମିୟ ପାଣ୍ଡବ, ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ ଓ ଖୋର୍ଦ୍ଧା ଜିଲ୍ଲା ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଜୟନ୍ତ ଭୋଇ ଉପସ୍ଥିତ ଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଭୁବନ ହାଇସ୍କୁଲ ପ୍ଲାଟିନମ୍ ଜୁବଲି ମହୋତ୍ସବ

ଭୁବନ, (ପି.ଏନ): ଢେଙ୍କାନାଳ ଜିଲ୍ଲାର ପୁରାତନ ବିଦ୍ୟାଳୟ ଭୁବନ ଉଚ୍ଚ ବିଦ୍ୟାଳୟ ପ୍ଲାଟିନମ ଜୁବୁଲି ( ହୀରକ ଜୟନ୍ତୀ ) ପାଳନ ନିମନ୍ତେ ଚୁଡାନ୍ତ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ର କୃଷ୍ଣ ଚନ୍ଦ୍ର ଆଇଚଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଜ୍ଞାନ ଶିକ୍ଷକ ଗଣେଶ୍ୱର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଶତାଧିକ ପୁରାତନ ଛାତ୍ର ଉପସ୍ଥିତ ରହି ନିଜ ନିଜର ପ୍ରସ୍ତାବ ଏବଂ ମତ ରଖିଥିଲେ। ପ୍ଲାଟିନମ୍ ଜୁବଲି ମହୋତ୍ସବ ନିମନ୍ତେ ଏକ କମିଟି ଗଠନ କରାଯାଇଥିଲା । ପଞ୍ଜାବ ନେସନାଲ ବ୍ୟାଙ୍କ (ପି ଏନ୍ ବି) ନୂଆଦିଲ୍ଲୀର ଅବସରପ୍ରାପ୍ତ (ସିଜିଏମ) ପୁରାତନ ଛାତ୍ର ଧନେଶ୍ୱର ସାହୁ ଙ୍କୁ ସର୍ବ ସମ୍ମତ କ୍ରମେ ସଭାପତି ଭାବେ ଚୟନ କରାଯାଇଥିଲା। ନିଶାକର ସାହୁ ସମ୍ପାଦକ, ଦୁର୍ଯ୍ୟୋଧନ ସାହୁ ଉପସଭାପତି, ଅବସରପ୍ରାପ୍ତ ଜିଏମ,ଏସ ବିଆଇ ଗଦାଧର ଦାସ କୋଷାଧ୍ୟକ୍ଷ ଏବଂ କୃଷ୍ଣ ଚନ୍ଦ୍ର ଆଇଚଙ୍କୁ ଆବାହକ ଭାବେ ଚୟନ କରାଯାଇଥିଲା। ମହୋତ୍ସବ ଦୁଇ ଦିନ ଧରି ହେବ। ଚଳିତ ବର୍ଷ ଡିସେମ୍ବର ୯ ଏବଂ ୧୦ ତାରିଖ ରେ ମହୋତ୍ସବ ପାଳନ କରାଯିବାକୁ ସର୍ବ ସମ୍ମତ କ୍ରମେ ନିଷ୍ପତି ହୋଇଥିଲା । ଚୂଡାନ୍ତ ପ୍ରସ୍ତୁତି ବୈଠକରେ ପୁରାତନ ଛାତ୍ର ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଧନେଶ୍ୱର ସାହୁ, ନବକିଶୋର ଗୁରୁ, କୈଳାଶ ଗୁରୁ, ବେଣୁଧର ପୃଷ୍ଟି, ଦିଲ୍ଲୀପ କୁମାର ଦାସ, ନରହରି ସାହୁ, ବ୍ରହ୍ମାନନ୍ଦ ସାହୁ, ସୁବ୍ରତ କୁମାର ସାହୁ, ପ୍ରଭାସ ସେନାପତି, ବିନୋଦ ମହାରଣା, ଦୀପକ ବେହେରା, ଅମ୍ବୁଜ ସାହୁ,ନିରଞ୍ଜନ ଗୁରୁ, ରାମ ଚନ୍ଦ୍ର ରାଉତ, ସନାତନ ଗୁରୁ, ଗଣେଶ୍ୱର ଦାସ, ହୃଷୀକେଶ ସାହୁ, ଅଜୟ କୁମାର ପଣ୍ଡା, ସୁବାସ ଚନ୍ଦ୍ର ମେହେଣା, ପ୍ରେମାନନ୍ଦ ପାଣିଗ୍ରାହୀ, ଡଃ. ସୁବାଷ ନାୟକ, ଭଗ୍ୱାନ ଗୁରୁ, ଦିଲ୍ଲୀପ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ' ସ୍ମରଣିକା ' ପାଇଁ ପୁରାତନ ଛାତ୍ର ମାନେ ନଭେମ୍ବର ମାସ ୫ ତାରିଖ ସୁଦ୍ଧା ସେମାନଙ୍କ ଲେଖା ଅଧ୍ୟାପକ କୈଳାସ ଚନ୍ଦ୍ର ଗୁରୁଙ୍କୁ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମ ର ସଫଳତା ପାଇଁ ପୁରାତନ ଛାତ୍ର ମାନେ ଉଭୟ ଅନଲାଇନ୍ ଓ ଅଫଲାଇନ୍ ରେ ୧ ହଜାର ଟଙ୍କା ପ୍ରଦାନ କରି ନାମ ପଞ୍ଜିକରଣ କରିବାକୁ ନିବେଦନ କରାଯାଇଥିଲା । ଏହା ବ୍ୟତୀତ ପୁରାତନ ବହୁ ସଂଖ୍ୟାରେ ଉପସ୍ଥିତ ରହି ନିଜ ସାମର୍ଥ୍ୟ ଅନୁଯାୟୀ ଆର୍ଥିକ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଥିଲା ।

## ହିଙ୍ଗୁଳା ମନ୍ଦିରରେ ନବରାତ୍ର ପୂଜା ଅନୁଷ୍ଠିତ

ଭୁବନ, (ପି.ଏନ): ଭୁବନ ର ପ୍ରସିଦ୍ଧ ଶକ୍ତି ପୀଠ ମା ହିଙ୍ଗୁଳାଙ୍କ ମନ୍ଦିରରେ ମା ହିଙ୍ଗୁଳା, ମା ଶାରଳାଙ୍କ ନବରାତ୍ର ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗତ ୧୫ ତାରିଖ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଦୈନିକ ନିତିକାନ୍ତି ହୋଇ ପୂଜା ଅନୁଷ୍ଠିତ ହୋଇଥିଲା। ମାତା ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଂଟା, କୁଷ୍ମାଣ୍ଡା, ସ୍କନ୍ଧମାତା, କାତ୍ୟାୟିନୀ, କାଳରାତ୍ରୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତମାନେ ମା ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ ।ପରିଚାଳନା କମିଟି ତରଫରୁ ସଭାପତି ଶଶି ଭୂଷଣ ପୃଷ୍ଟି କର୍ତା ସାଜିଥିଲା ବେଳେ ଦିଲ୍ଲୀପ ଦାସ, ଅମ୍ବୁଜ ସାହୁ, ନିରଞ୍ଜନ ଗୁରୁ, ସତ୍ୟାନନ୍ଦ ପୃଷ୍ଟି, ଖଗେଶ୍ୱର ନାୟକ, ଧନେଶ୍ୱର ସାହୁ, ଦେବେନ୍ଦ୍ର ପୃଷ୍ଟି ଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ।

## ଜବାହରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ



ପାରାଦୀପ,(ପି.ଏନ): ପାରାଦୀପର ନବଗଠିତ ଜବାହାରଲାଲ ନେହେରୁ ଟ୍ରଷ୍ଟ ତାର ସେବା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଲକ୍ଷ୍ୟରେ ପାରାଦ୍ୱୀପ ପୌରପାଳିକା ଅନ୍ତର୍ଗତ ୪ ନମ୍ବର ୱାର୍ଡରେ ଉଦୟାବଟ ବସ୍ତିରେ ନିଶା ନିବାରଣ ସଚେତନତା ଅଭିଯାନ ଆରମ୍ଭ କରିଛି। ଅକ୍ଟୋବର ୧ ତାରିଖ ମଙ୍ଗଳବାର ଅପରାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ଯୁବନେତା ଶ୍ରୀ ନିରଞ୍ଜନ ନାୟକଙ୍କ ତତ୍ୱବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ନିଶା ନିବାରଣ ସଂଘର ପାରାଦୀପ ଶାଖାର ସଭାପତି ଶ୍ରୀମତୀ ପ୍ରେମ ଲତା ବାରିକ, ଗୋଲାପ ରାଣୀ ସାହୁ ,କୌଶଲ୍ୟା ମହାନ୍ତି, ଖୁଲଣା ଜେନା ପ୍ରମୁଖ ସ୍ଥାନୀୟ ମହିଳା ମାନଙ୍କୁ ଏକତ୍ରିତ କରି ନିଶା ସେବନର ଭୟାଭୟ ପରିଣତି ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ମୁଖ୍ୟତଃ ମହିଳା ମାନେ ସଚେତନ ହେଲେ ପୁରୁଷ ବା ନାବାଳିକ ମାନଙ୍କୁ ନିଶା ନିବାରଣ କରି ପାରିବେ।

## ମୁକ୍ତେଶ୍ୱର ଓ ଅନନ୍ତ ଗୋପାଳ ପୀଠରେ ଗୀତା ଜୟନ୍ତୀ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ନୁଆଗାଁ ମୁକ୍ତେଶ୍ୱର ମନ୍ଦିର ପରିସରରେ ସରୋଜିନୀ ସ୍ୱାଇଁ ସ୍ମୃତି ସଂସଦ ପକ୍ଷରୁ ଗୀତା ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁଙ୍କ ତତ୍ୱାବଧାନରେ ଆୟୋଜିତ ଗୀତା ଜୟନ୍ତୀ ଉତ୍ସବରେ ଗୀତା ପାଠ ସହିତ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ଗୋଲକ ଚନ୍ଦ୍ର ପଲେଇ, ଈଶ୍ୱର ଚନ୍ଦ୍ର ପ୍ରଧାନ, କୃଷ୍ଣ ଚନ୍ଦ୍ର ବେହେରା, ପରମାନନ୍ଦ



ପାତ୍ର ଓ ଦେବେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଗୀତା ପାଠ କରିଥିଲେ । ଗୀତା ଏକ ଶ୍ରେଷ୍ଠ ଗ୍ରନ୍ଥ ହୋଇଥିବାରୁ ଏହା ମାନବ ଜୀବନ ପାଇଁ ଦୈନିକ ପଠନ ଅପରିହାର୍ଯ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ସ୍ଥାନୀୟ ଅଂଚଳର ବହୁ ଲୋକ ଯୋଗଦେଇ ଗୀତାପାଠର ଉପକାରିତା ସମ୍ପର୍କରେ ଅବଗତ ହୋଇଥିଲେ । ସେହିପରି ଅରାବଳ ପଂଚାୟତରେ ଶ୍ରୀ ଅନନ୍ତ ଗୋପାଳ ଗୀତା ଭାଗବତ ଅନୁଷ୍ଠାନ ଆନୁକୁଲ୍ୟରେ ୨୫ତମ ଗୀତା ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ପ୍ରତିବର୍ଷ ପରି ଗୀତା ଜୟନ୍ତୀ ଅବସରରେ ଗୀତା ପାଠ କରାଯିବା ସହିତ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ । ଏହି ଅବସରରେ ପ୍ରବଚନ କାର୍ଯ୍ୟକ୍ରମ ସହିତ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥାଏ । ଶେଷ ଦିବସରେ ପୂର୍ଣ୍ଣାହୁତି କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥାଏ ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ
# ପର୍ଯ୍ୟବେକ୍ଷକ
Bhubaneswar Wednesday October 02 2024 ଭୁବନେଶ୍ୱର ବୁଧବାର, ଅକ୍ଟୋବର ୦୨,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ସ୍ୱଚ୍ଛତା ପକ୍ଷ୍ୟ ଆରମ୍ଭ କଲା ପୂର୍ବତଟ ରେଳପଥ




ଭୁବନେଶ୍ୱର,(ପି.ଏନ): ପୂର୍ବତଟ ରେଳପଥ ଏହାର ଅଧୀନରେ ଥିବା ରେଳ ଷ୍ଟେସନ୍, ଟ୍ରେନ୍, ଅଫିସ୍, କର୍ମଶାଳା, ରକ୍ଷଣାବେକ୍ଷଣ ଡିପୋ, ଡାକ୍ତରଖାନା ଏବଂ ଆବାସିକ ଅଞ୍ଚଳରେ ସ୍ୱଚ୍ଛତା ଉପରେ ଧ୍ୟାନ ଦେଇ ଏକ ୧୫ ଦିନର ସ୍ୱଛତା ପକ୍ଷ୍ୟ ଆରମ୍ଭ କରିଛି । ଏହି ବିଶାଳ ସ୍ୱଛତା ଅଭିଯାନ ସଚେତନତା ସୃଷ୍ଟି କରିବା ଏବଂ ଏକ ସ୍ୱଚ୍ଛ ଏବଂ ସବୁଜ ଭାରତ ବଜାୟ ରଖିବା ଦିଗରେ ସାମୂହିକ କାର୍ଯ୍ୟକୁ ପ୍ରେରଣା ଯୋଗାଇବା ପାଇଁ ସମର୍ପିତ କରାଯାଉଛି । ସ୍ୱଛତା ପକ୍ଷ୍ୟର ଉଦ୍‌ଘାଟନୀ ଦିବସରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ସମସ୍ତ କର୍ମଚାରୀ ଏବଂ ଅଧିକାରୀଙ୍କୁ ସ୍ୱଛତା ପକ୍ଷ୍ୟର ଶପଥ ପାଠ କରାଇଛନ୍ତି । ସ୍ୱଛତା ବଜାୟ ରଖିବାରେ ବ୍ୟକ୍ତିଗତ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ବେଳେ କର୍ମଚାରୀମାନେ ସେମାନଙ୍କ ଘର, କର୍ମସ୍ଥଳୀକୁ ପରିଷ୍କାର ରଖିବା ପାଇଁ ଶପଥ ନେଇଥିଲେ ଏବଂ ସାଧାରଣ ଜନତାଙ୍କୁ ଏହି ଅଭିଯାନରେ ସାମିଲ କରାଇବା ପାଇଁ ମଧ୍ୟ ଶପଥ ନେଇଥିଲେ । ଏହାପୂର୍ବରୁ, ୧୪ ସେପ୍‌ଟେମ୍ବରରୁ ୧ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ, ପୂର୍ବତଟ ରେଳପଥ ସ୍ୱଭାବ ସ୍ୱଛତା, ସଂସ୍କାର ସ୍ୱଛତା ବିଷୟବସ୍ତୁ ଆଧାରରେ ସ୍ୱଛତା ହିଁ ସେବା ପକ୍ଷ୍ୟ ପାଳନ କରିଥିଲା । ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ସ୍ୱଚ୍ଛ ଭାରତ ଦିବସ ଭାବରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଦିବସ ୨ ଅକ୍ଟୋବର ୨୦୨୪ ରେ ପାଳନ କରାଯିବ । ସ୍ୱଛତା ପକ୍ଷ୍ୟର ଏକ ଅଂଶ ଭାବରେ, ରେଳ କର୍ମଚାରୀ, ରେଳଯାତ୍ରୀ ଏବଂ ହିତାଧିକାରୀମାନଙ୍କୁ ନିରନ୍ତର ପରିଷ୍କାର ପରିଛନ୍ନତା କାର୍ଯ୍ୟରେ ନିୟୋଜିତ କରିବା ଉପରେ ଗୁରୁତ୍ୱ ଦେଇ ପୂର୍ବତଟ ରେଳପଥ ଅନେକ ସ୍ୱଛତା କାର୍ଯ୍ୟକଳାପର ଯୋଜନା କରିଛି ।

## ଚଣ୍ଡିଖୋଲ କୋର୍ଟ୍ ରେ ବରିଷ୍ଠ ନାଗରିକ ଦିବସ ପାଳିତ

ଦର୍ପଣ,(ପି.ଏନ): ଆଜି ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବା କେନ୍ଦ୍ର ପକ୍ଷରୁ କୋର୍ଟ ପରିସରରେ ତାଲୁକ କେନ୍ଦ୍ର ର ଅଧକ୍ଷ ତଥା ବରିଷ୍ଠ ବିଚାରପତି ଶ୍ରୀ ବିଶ୍ୱ ଦୀପକ ସାହୁ ଙ୍କର ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ଓ ଏଥିର କୋର୍ଟ ର କନିଷ୍ଠ ବିଚାରପତି ସୁଶ୍ରୀ ପରବିନ ମଣ୍ଡଳ, ସୁଶ୍ରୀ ଶ୍ରୁତି ଅଭି ଲାସା ,ବାର ଆସୋସିଏସନ ର ସଭାପତି ଦେବରାଜ ବେହେରା ଙ୍କୁ ସମ୍ପାଦକ ପ୍ରକାଶ କୁମାର ଦାଶ, ଯୋଗ ଦେଇ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଆଇନ ରେ ଥିବା ବିଧି ବ୍ୟବସ୍ଥା ଓ କେନ୍ଦ୍ର, ରାଜ୍ୟ ସରକାର ଙ୍କର ବିଭିନ୍ନ ବରିଷ୍ଠ ନାଗରିକ ସୁରକ୍ଷା, କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ ଓ ଏହା ବ୍ୟତିତ ଏହି ବରିଷ୍ଠ ନାଗରିକଙ୍କ ପାଇଁ ଥିବା ଆମ୍ ସାମାଜିକ ଦାୟିତ୍ୱ କର୍ତ୍ତବ୍ୟ ଓ ସମ୍ମାନ କୁ ଗୁରୁତ୍ୱ ଦେଇ ସେମାନଙ୍କ ମଧ୍ୟରେ ହସ ଫୁଟାଇ ପାଇଁ ଆହ୍ୱାନ ଦିଆଯାଇଥିଲା ଓ ଉକ୍ତ କାର୍ଯ୍ୟକ୍ରମ ରେ ବାର ଆସୋସିଏସନ ର ପୂର୍ବତନ ସଭାପତି ଶ୍ରୀ ପ୍ରତାପ ଦାସ, ପୂର୍ବତନ ଉପସଭାପତି ନଳିନୀ କାନ୍ତ ମିଶ୍ର, ଯୁଗ୍ମସଂପାଦକ ସିରିଶ ସାମଲ, କୋଷାଧକ୍ଷ ସୁଦର୍ଶନ ଘଡେଇ, ବିଜୟ ରାଉଳ, ଜ୍ୟୋତି ମହାପାତ୍ର, ଜ୍ୟୋତିର୍ମୟୀ ସ୍ୱାଇଁ, ବେବିନା ଓଝା, ଇନ୍ଦିରା ପ୍ରିୟ ଦର୍ଶିନୀ ଜେନା, ବରିଷ୍ଠ ନାଗରିକ ଯୋଗେନ୍ଦ୍ର ନାୟକ, ଦନାର୍ଦ୍ଧ ନ ରାଉତରାୟ, ପ୍ରଦୀପ କୁମାର ସାହୁ ସମେତ ବହୁ ବରିଷ୍ଠ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ ଓ କାର୍ଯ୍ୟକ୍ରମ କୁ ସହଯୋଗ କରିଥିଲେ କରୁ ମାରାଣ୍ଡି, ସଞ୍ଜୟ କୁମାର ରଣା, ପ୍ରିୟ ଗୋବିନ୍ଦ ଦାସ ଓ ଶେଷ ରେ ତାଲୁକ ଆଇନ ସେବା କେନ୍ଦ୍ର ର ରିଟେନର ପ୍ରଦୀପ୍ତ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ । ଆଜି

ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବା କେନ୍ଦ୍ର ପକ୍ଷରୁ କୋର୍ଟ ପରିସରରେ ତାଲୁକ କେନ୍ଦ୍ର ର ଅଧକ୍ଷ ତଥା ବରିଷ୍ଠ ବିଚାରପତି ଶ୍ରୀ ବିଶ୍ୱ ଦୀପକ ସାହୁ ଙ୍କର ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ଓ ଏଥିର କୋର୍ଟ ର କନିଷ୍ଠ ବିଚାରପତି ସୁଶ୍ରୀ ପରବିନ ମଣ୍ଡଳ, ସୁଶ୍ରୀ ଶ୍ରୁତି ଅଭି ଲାସା ,ବାର ଆସୋସିଏସନର ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ କୁମାର ଦାଶ, ଯୋଗ ଦେଇ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଆଇନ ରେ ଥିବା ବିଧି ବ୍ୟବସ୍ଥା ଓ କେନ୍ଦ୍ର, ରାଜ୍ୟ ସରକାର ଙ୍କର ବିଭିନ୍ନ ବରିଷ୍ଠ ନାଗରିକ ସୁରକ୍ଷା, କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ ଓ ଏହା ବ୍ୟତିତ ଏହି ବରିଷ୍ଠ ନାଗରିକଙ୍କ ପାଇଁ ଥିବା ଆମ୍ ସାମାଜିକ ଦାୟିତ୍ୱ କର୍ତ୍ତବ୍ୟ ଓ ସମ୍ମାନ କୁ ଗୁରୁତ୍ୱ ଦେଇ ସେମାନଙ୍କ ମଧ୍ୟରେ ହସ ଫୁଟାଇ ପାଇଁ ଆହ୍ୱାନ ଦିଆଯାଇଥିଲା ଓ ଉକ୍ତ କାର୍ଯ୍ୟକ୍ରମ ରେ ବାର ଆସୋସିଏସନ ର ପୂର୍ବତନ ସଭାପତି ଶ୍ରୀ ପ୍ରତାପ ଦାସ, ପୂର୍ବତନ ଉପସଭାପତି ନଳିନୀ କାନ୍ତ ମିଶ୍ର, ଯୁଗ୍ମସଂପାଦକ ସିରିଶ ସାମଲ, କୋଷାଧକ୍ଷ ସୁଦର୍ଶନ ଘଡେଇ, ବିଜୟ ରାଉଳ, ଜ୍ୟୋତି ମହାପାତ୍ର, ଜ୍ୟୋତିର୍ମୟୀ ସ୍ୱାଇଁ, ବେବିନା ଓଝା, ଇନ୍ଦିରା ପ୍ରିୟ ଦର୍ଶିନୀ ଜେନା, ବରିଷ୍ଠ ନାଗରିକ ଯୋଗେନ୍ଦ୍ର ନାୟକ, ଦନାର୍ଦ୍ଧ ନ ରାଉତରାୟ, ପ୍ରଦୀପ କୁମାର ସାହୁ ସମେତ ବହୁ ବରିଷ୍ଠ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ ଓ କାର୍ଯ୍ୟକ୍ରମ କୁ ସହଯୋଗ କରିଥିଲେ କରୁ ମାରାଣ୍ଡି, ସଞ୍ଜୟ କୁମାର ରଣା, ପ୍ରିୟ ଗୋବିନ୍ଦ ଦାସ ଓ ଶେଷ ରେ ତାଲୁକ ଆଇନ ସେବା କେନ୍ଦ୍ର ର ରିଟେନର ପ୍ରଦୀପ୍ତ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଚ୍ୟୁତ ସାମନ୍ତଙ୍କୁ ମହାତ୍ମା ସମ୍ମାନ ୨୦୨୪




ଭୁବନେଶ୍ୱର,(ପି.ଏନ): ଶିକ୍ଷାବିତ ଓ ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନଜନକ ମହାତ୍ମା ପୁରସ୍କାର ପ୍ରଦାନ କରାଯାଇଛି । ମଙ୍ଗଳବାର ନୂଆଦିଲ୍ଲୀଠାରେ ବିର୍ଲା ଗ୍ରୁପ୍ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଶ୍ରୀ ସାମନ୍ତଙ୍କୁ ମହାତ୍ମା ପୁରସ୍କାର ପ୍ରଦାନ କରାଯାଇଛି । ପ୍ରତିବର୍ଷ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପରିପ୍ରେକ୍ଷୀରେ ଆଦିତ୍ୟ ବିର୍ଲା ଗ୍ରୁପ୍ ପକ୍ଷରୁ ପ୍ରଦାନ କରାଯାଇଥାଏ ମହାତ୍ମା ପୁରସ୍କାର। ଏହି ଅବସରରେ ଗାନ୍ଧୀ ଜୟନ୍ତୀ ଅବ୍ୟବହିତ ପୂର୍ବରୁ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଭାରତର ବିଶିଷ୍ଟ ସିଏସଆର୍ ମ୍ୟାନ କୁହାଯାଉଥିବା ଅମିତ ସଚଦେବାଙ୍କ ଉଦ୍ୟମରେ ଏହି ମହାତ୍ମା ସମ୍ମାନ ଆରମ୍ଭ କରାଯାଇଥିଲା। ସମାଜର ବିକାଶମୂଳକ କାର୍ଯ୍ୟ କରୁଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ୨୦୧୬ରୁ ଦିଆଯାଇ ଆସୁଥିବା ଏହି ସମ୍ମାନ ରତନ ଟାଟା, ଅଜିମ ପ୍ରେମଜୀ, ବିନ୍ଦେଶ୍ୱର ପାଠକ, ସବାନା ଆଜମୀଙ୍କ ଭଳି ବହୁ ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନକୁ ପ୍ରଦାନ କରାଯାଇଛି। ଏହି ସମ୍ମାନ ପ୍ରଦାନ ପାଇଁ ଏକ ଚୟନ କମିଟି ରହିଛି। ଜଣେ ବ୍ୟକ୍ତିଙ୍କ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତର୍ଜମା କରିବା ପରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ଦୀର୍ଘ ୩୩ ବର୍ଷ ଧରି ଅଚ୍ୟୁତ ସାମନ୍ତ ଶିକ୍ଷା ଓ ସମାଜସେବାରେ ନିଜକୁ ନିୟୋଜିତ କରିଆସିଛନ୍ତି। ଜନଜାତି ଓ ସମାଜର ଅବହେଳିତ ବର୍ଗଙ୍କ ବିକାଶ ତଥା ସମାଜରେ ଅସମାନତା ଦୂର ନେଇ ମହାତ୍ମା ଗାନ୍ଧୀଙ୍କ ଯେଉଁ କାର୍ଯ୍ୟଧାରା ଥିଲା କିସ୍ ଜରିଆରେ ଶ୍ରୀ ସାମନ୍ତ ସେହି କାର୍ଯ୍ୟକୁ ଗତ ତିନି ଦଶନ୍ଧୀ ଧରି ତ୍ୱରାନ୍ୱିତ କରିଆସୁଛନ୍ତି। ତାଙ୍କର ଏହି ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟ ପାଇଁ ତାଙ୍କୁ ଆଜି ମହାତ୍ମା ସମ୍ମାନ ପ୍ରଦାନ କରାଯାଇଛି।

ଆଜି ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ଓ ଲେଖକ ସୁଧା ମୂର୍ତ୍ତି, ଓଡ଼ିଶୀ ଓ ଭାରତନାଟ୍ୟମ ନୃତ୍ୟଶିଳ୍ପୀ ଓ ଗୁରୁ ସୋନାଲ ମାନସିଂହଙ୍କ ଭଳି ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନଙ୍କୁ ଏହି ସମ୍ମାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ରାଜଶ୍ରୀ ବିର୍ଲା ଓ ପୁଡୁଚେରୀର ପ୍ରାକ୍ତନ ଲ୍ୟୁଟନାଣ୍ଟ ଗଭର୍ଣ୍ଣର କିରଣ ବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ନିଜ ପ୍ରତିକ୍ରିୟାରେ ଶ୍ରୀ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସିଏସଆର୍ ଗୁଡ଼ ବୁକ୍ ସମ୍ପାଦକ ତଥା ମହାତ୍ମା ଆୱାର୍ଡ ନିର୍ଦ୍ଦେଶକ ମୁଗଧା ଆରୋରା ଏବଂ ଆୟୋଜକ କମିଟିକୁ କୃତଜ୍ଞତା ଜଣାଇଛନ୍ତି। ଏହି ସମ୍ମାନକୁ ଶ୍ରୀ ସାମନ୍ତ କିଟ୍ ଓ କିସ୍ ପରିବାରକୁ ଉତ୍ସର୍ଗ କରିଛନ୍ତି।

## ଫିଜିଓଥେରାପି ସେବା ସେଣ୍ଟର ଚଣ୍ଡିଖୋଲ ଠାରେ ବରିଷ୍ଠ ନାଗରିକ ଦିବସ ପାଳିତ

ଚଣ୍ଡିଖୋଲ,(ପି ଏ ନ): ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଛକ ଠାରେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ବରିଷ୍ଠ ନାଗରିକ ମାନଙ୍କ ସେବା ପାଇଁ ପ୍ରତିଷ୍ଠା ହୋଇଅଛି। ଆଜି ବରିଷ୍ଠ ନାଗରିକ ଦିବସ ପାଳନ ପାଳନ ହେଉଛି। ଏ ନେଇ ଚଣ୍ଡିଖୋଲ ସ୍ଥିତ ଫିଜିଓ ଥେରାପି ସେଣ୍ଟର ଠାରେ ଆଜି ବରିଷ୍ଠ ନାଗରିକ ଦିବସରେ ଏକ ଆଲୋଚନା ଚକ୍ରରେ ଅନୁଷ୍ଠିତ ହୋଇଯାଇଛି। ଏ ଥିରେବରିଷ୍ଠ ନାଗରିକ ମଞ୍ଚ ର ସ୍ଥାଇ ସଭାପତି ଶେଷଦେବ ନାୟକ ଅଧକ୍ଷତା କରିଥଲେ, ଦୁଃଖିଶ୍ୟାମ ସାହୁ, ସମ୍ପାଦକ ହେମନ୍ତ କୁମାର ସାମଲ, କୋଷାଧକ୍ଷ ଚିତ୍ତରଞ୍ଜନ ମହାପାତ୍ର, ସଭ୍ୟ ଶିବରାମ ସାହୁ, ଈଶ୍ୱର ସାମଲ, ଲକ୍ଷ୍ମୀଧର ସାହାଣୀ, ନୃସିଂହ ବାରିକ, ମଦନ ମୋହନ ବଳ, ବଟ କୃଷ୍ଣ ଜେନା, ଗାୟକ ଜଗବନ୍ଧୁ ସାହୁ, ଲୋକନାଥ ସେନାପତି, କୀର୍ତ୍ତନ ବେହେରା, ଦୀନବନ୍ଧୁ ବେହେରା, ବିଜୟ କୁମାର ଜେନା, ପୂର୍ଣ୍ଣ ଚନ୍ଦ୍ର ସାହାଣୀ, ବସନ୍ତ ବିଶ୍ୱାଳ, ବସନ୍ତ ସ୍ୱାଇଁ, ଦୁଷ୍ମନ୍ତ ସ୍ୱାଇଁ, କୁଳମଣି ନାୟକ, ପ୍ରଫୁଲ୍ଲ ସାମଲ ସମେତ ଶତାଧିକ ବରିଷ୍ଠ ନାଗରିକ ମାନେ ଯୋଗ ଦେଇଥିଲେ। ଏହି ସେଣ୍ଟର୍ ଟି କାହିଁକି ହୋଇଛି କିପରି ବରିଷ୍ଠ ନାଗରିକ ମାନଙ୍କୁ ଆଣ୍ଠୁ, ବିନ୍ଧା ଯନ୍ତ୍ରଣା ରୁ ମୁକ୍ତି ପାଇଁ ଯେଉଁ ଭଳି ଚିକିତ୍ସା ଡାକ୍ତର କ ଦ୍ୱାରା କରାଯାଇ ପାରିବ ସେ ସମ୍ପର୍କରେ ଫିଜୀଓ ଥେରପି ସେଣ୍ଟର ର ମୂଖ୍ୟ ଶ୍ରୀ ବାରିକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସରକାର୍ ଯେଉଁ ଯୋଜନା କରୁଛନ୍ତି ବରିଷ୍ଠ ନାଗରିକ ମାନଙ୍କୁ ଆଣ୍ଠୁ ଗଣ୍ଠି ଅଣ୍ଟା ବ୍ୟଥା ର ସେବା ପାଇଁ ତାହା ସ୍ୱାଗତ ଯୋଗ୍ୟପଦକ୍ଷେପ, ତେଣୁ ସରକାରଙ୍କୁ ଆମେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପ୍ରଶଂସା କରିଥିଲେ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray